**● ମଙ୍ଗଳା ମହାବିଦ୍ୟାଳୟ**

## ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କାକଟପୁର, ୧୧।୧(ସମିସ):** କାକଟପୁରସ୍ଥିତ ମଙ୍ଗଳା ବିଦ୍ୟାଳୟରେ ଚାଲିଥିବା ସମ୍ବନ୍ଧିତ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳା ମହା ବିଦ୍ୟାଳୟର ପରିଚାଳନା ସଭାପତି ସୁଧୀର କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ପୁରୀ ଜିଲ୍ଲାପରିଷଦର ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଶୋକ କୁମାର ତ୍ରିପାଠୀ, ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟା ପକ ଜଗନ୍ନାଥ ଦୀକ୍ଷିତ, ପ୍ରଫେସର ଡ଼ଃ ସଂଗ୍ରାମ ଚରଣ ଛାଟୋଇ ଅଧ୍ୟାପକ ରଶ୍ମି ରଞ୍ଜନ ପାଣି ଲଲାଟେନ୍ଦୁ ସ୍ୱାଇଁ, ନୃସିଂହ ଚରଣ ବିଶ୍ୱାଳ ସ୍ୱାଇଁ ସୁବ୍ରତ ନାୟକ, ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ବେଞ୍ଜୁଲତା ସ୍ୱାଇଁ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସିନେ ଗାୟକ ଓ ଗାୟିକାଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ। କରାଯାଇଥିଲା।

# 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଅସ୍ତରଙ୍ଗ, ୧୧।୧(ସମିସ):** ରାଜ୍ୟ ସରକାରଙ୍କ ନୂଆ-ଓଡ଼ିଶା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାଲିଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଉକୁଳେଇ ଠାରେ ଥିବା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟରେ ଚାଲିଥିବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବବ୍ୟାପାର, ଗୃହରାଷ୍ଟ୍ର ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତୀ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଏକ ନମ୍ବର ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସାଂସଦ ପ୍ରତିନିଧି ଚମ୍ପକ ବାରିକଙ୍କ ସହିତ ବହୁତ ବୁଦ୍ଧିଜୀବୀ ଯୋଗଦେଇ ଯୁବ ବିକାଶ ନିମନ୍ତେ ଓଡ଼ିଶା ସରକାରଙ୍କ ଏଭଳି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ମହାବିଦ୍ୟଳୟର ଛାତ୍ର ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଏହି କାର୍ଯ୍ୟକ୍ରମ ପ୍ରକୃଷ୍ଟ ମାଧ୍ୟମ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କବାଡି, ଭଲିବଲ, ଫୁଟବେଲ, ଖୋକୋ, ହାଇଜମ୍ପ, ଦୌଡ଼, କ୍ୟାରମ, ଯୋଗ, ଡିବେଟ ଆଦି ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଉପସ୍ଥିତ ଅତିଥିମନେ ପୁରସ୍କୃତ କରିଥିଲେ। ପରେ ମହାବିଦ୍ୟଳୟର ଛାତ୍ରୀଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବଳଙ୍ଗା ପଞ୍ଚାୟତରେ ଅର୍ପଣ ରଥ



**ବଳଙ୍ଗା, ୧୧।୧(ସମିସ)** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ପରିପ୍ରେକ୍ଷୀରେ ବଳଙ୍ଗା ପଞ୍ଚାୟତର ବିଭିନ୍ନ ସାହିରେ ଅର୍ପଣ ରଥ ପରିକ୍ରମା କରିଛି। ଶ୍ରଦ୍ଧାଳୁମାନେ ହରିବୋଲ ଘଣ୍ଟ ବଜାଇ ଚାଉଳ, ଗୁଆ ଅର୍ପଣ କରିଛନ୍ତି। କାର୍ଯ୍ୟ କ୍ରମରେ ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ନିର୍ବାହୀ ଅଧିକାରୀ ଶୁଭକାନ୍ତ ମହାନ୍ତି, କୃପାସିନ୍ଧୁ ଦତ୍ତ, ଅଜିତ ଚାନ୍ଦ ଦାଶ, ରାଜକିଶୋର ସାହୁ, ସୁକାନ୍ତ ବରାଳଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇଥିଲେ।

## ଡେଲାଙ୍ଗରେ ଧାନମଣ୍ଡି ଉଦ୍‌ଘାଟିତ



**ଡେଲାଙ୍ଗ, ୧୧।୧(ସମିସ):** ଗୁରୁବାର ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ସମ୍ମିଳିତ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥି ନଡିଆ ବାଡେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ବ୍ଲକ ବିଜେଡି ସଭାପତି ବୈରାଗୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ବାସନ୍ତି ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ଧରଣିଧର ସାହୁ, ସମ୍ମିଳିତ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିରିକ୍ଷକ ସତ୍ୟଶଙ୍କର ମହାନ୍ତି, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ସମବାୟ ବ୍ୟାଙ୍କ ଡେଲାଙ୍ଗ ଶାଖା ପରିଚାଳକ ସନ୍ତୋଷ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସରପଞ୍ଚ କାଳନ୍ଦୀ ଜେନା, ସୁଧାକର ମାର୍ଥା, ଛାତ୍ର ସଭାପତି ସୁଦୀପ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚାଷି ଓ ଚାଷକୁ ଗୁରୁତ୍ୱ ଦେବା ପୂର୍ବକ କଟନି-ଛଟନି ଉପରେ ବିଶେଷ ଧ୍ୟାନ ଦେବା ପାଇଁ ପ୍ରତ୍ୟକ ସୋସାଇଟିର ସମ୍ପାଦକଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଡେଲାଙ୍ଗ ବ୍ଲକର ୨୩ଟି ସୋସାଇଟିରେ ୪ହଜାରରୁ ଉର୍ଦ୍ଧ ଚାଷି ଧାନ ବିକ୍ରୟ କରିପାରିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିରିକ୍ଷକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ଅବସରରେ ସମବାୟ ବ୍ୟାଙ୍କ ଡେଲାଙ୍ଗ ଶାଖା ୭ଜଣ ହିତାଧିକାରୀଙ୍କୁ ମୋ ଘର ଯୋଜନାରେ ଚେକ ପ୍ରଦାନ କରିବା ସହିତ ବଳରାମ ଯୋଜନାରେ ୩ଜଣ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରିଛି।

## ଅର୍ପଣ ରଥକୁ ବିପୁଳ ସ୍ୱାଗତ

**ନୟାହାଟ, ୧୧।୧(ସମିସ):** ପୁରୀ ଜିଲ୍ଲା ନୟାହାଟ ଓ ବାହାରଣା ପଞ୍ଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥକୁ ଜଙ୍ଗଲବୋରି ପଞ୍ଚାୟତର ସରପଞ୍ଚ ପ୍ରଭାତୀ ସାହୁ ଓ ବାହାରଣା ପଞ୍ଚାୟତର ସରପଞ୍ଚ ଅମିତା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଦୁଇ ପଞ୍ଚାୟତରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ କରିବା ଅବସରରେ ଶ୍ରଦ୍ଧାଳୁମାନେ ଗୁଆ, ଚାଉଳ ଆଦି ଦେଇଥିଲେ। ରଥ ପରିକ୍ରମା ସମୟରେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତରୁ ପୂର୍ବତନ ସତପଞ୍ଚ ପ୍ରଣୟ କୁମାର ସାହୁ, ପଞ୍ଚାୟତ ସମିତି ସଭ୍ୟ ସେକ ତାରିଗ ବେଗ୍, କାହ୍ନୁଚରଣ ସାହୁ, କୈଳାସ ପାତ୍ର, ସନ୍ତୋଷ ସାହୁ, ରସିଆ ମଲ୍ଲିକ, ମନୋଜ କାଣ୍ତି କାଶୀନାଥ ନାୟକ ସହିତ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ। ବାହାରଣା ପଞ୍ଚାୟତରୁ ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ ମେକାପ ଗଗନ ସାହୁ, ଦିଲିପ କୁମାର ମହାନ୍ତି, ପ୍ରଶାନ୍ତ କୁମାର ସ୍ୱାଇଁ, ରଞ୍ଜୁଆ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅର୍ପଣ ରଥକୁ ଦୁଇ ପଞ୍ଚାୟତବାସୀଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ମିଳିଥିଲା।



## ସ୍କୁଟି ଜାଳିଦେଲେ ଦୁର୍ବୃତ୍ତ



**ବଳଙ୍ଗା, ୧୧।୧(ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ ଶମ୍ଭୁ ଭାରତୀ ପାଟଣା ଗ୍ରାମ ନିକଟସ୍ଥ ଭାର୍ଗବୀ ନଦୀ କୂଳରେ ରାତ୍ର ସମୟରେ କିଛି ବନ୍ଧୁ ଭୋଜି ଭାତ କରୁଥିଲେ। ନଦୀ ବନ୍ଧ ତଳେ ଥୁଆ ହୋଇଥିବା ଏକ ସ୍କୁଟିରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ସ୍କୁଟିଟି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟଣା ଘଟିଥାଇ ପାରେ ବୋଲି ଆଶଙ୍କା କରାଯାଉଛି। ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। କିଛି ମାସ ପୂର୍ବରୁ ସମ୍ପୃକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଥୁଆ ହୋଇଥିବା ତିନୋଟି ବାଇକ୍‌ରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା।ପୁଲିସ ତଦନ୍ତ ଜାରି ରଖିଛି।

## କିଶୋରୀଙ୍କୁ ମିଳିଲା ପୁଷ୍ଟିଯୁକ୍ତ ଖାଦ୍ୟ



**କୋଣାର୍କ, ୧୧।୧(ସମିସ):** ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ୧୪ରୁ ୧୯ବର୍ଷ ବୟସ୍କ କିଶୋରୀଙ୍କୁ ପୁଷ୍ଟିଯୁକ୍ତ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ଚଳିତ ନୂଆବର୍ଷ ୨୦୨୪ ଜାନୁଆରୀ ମାସରୁ କିଶୋରୀମାନଙ୍କୁ ମୁଣ୍ଡପିଛା ଗୋଟିଏ ପୌଷ୍ଟିକ ମୁଢ଼ି ପ୍ୟାକେଟ, ଗୋଟିଏ ଭଜା ବୁଟ ପ୍ୟାକେଟ୍ ଓ ୧୬ଟି ଅଣ୍ଡା ବିତରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଗୁରୁବାର କୋଣାର୍କ ନିକଟ ସିମିଳି ପଞ୍ଚାୟତ ଅନ୍ତର୍ଗତ ପାଇକେରାପୁର ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ସୁଚିତ୍ରା ଦେବୀ ୧୫ଜଣ କିଶୋରୀଙ୍କୁ ମୁଢ଼ି ଓ ଭଜା ବୁଟ ପ୍ୟାକେଟ୍ ସହିତ ୧୬ଟି ଅଣ୍ଡା ବିତରଣ କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର ଯାଞ୍ଚ କମିଟି ଓ ମାତୃ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଖାଦ୍ୟ ବିତରଣ କରାଯାଇଥିଲା। ସରକାରଙ୍କ ଯୋଜନାରେ କିଶୋରୀମାନଙ୍କ ପୁଷ୍ଟିହୀନତା ଦୂରୀକରଣରେ ବେଶ୍ ସହାୟକ ହେବ ବୋଲି ଗୋପ ବ୍ଲକ ସିଡିପିଓ ମୀନାକ୍ଷୀ ସାହୁ ପ୍ରକାଶ କରିଛନ୍ତି।

**● ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ୍**

## ୟୁ ଆଣ୍ଡ ମି ବାଲେଶ୍ୱର ସେମିରେ

**ନିମାପଡ଼ା, ୧୧। ୧(ସମିସ):** ସ୍ଥାନୀୟ ବାରବାଟୀ ପଡ଼ିଆରେ ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ନିମାପଡ଼ା କପ୍ ତଥା କିଶୋର ପଣ୍ଡା କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୟୁଆଣ୍ଡ ମି କ୍ଲବ ବାଲେଶ୍ୱର ସହିତ ରାଇଜିଂ କ୍ଲବ ରାଉରକେଲା ମଧ୍ୟରେ ହୋଇଥିଲା। ୩୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଟସ୍ ଜିଣି ୟୁ ଆଣ୍ଡ ମି ଦଳ ବ୍ୟାଟିଂ କରି ୨୯.୪ ଓଭର ଖେଳି ସମସ୍ତ ୱିକେଟ ହରାଇ ୨୪୭ ରନ ସଂଗ୍ରହ କରିଥିଲା। ରାଇଜିଂ କ୍ଲବ ବ୍ୟାଟିଂ କରି ୩୦ ଓଭରରେ ୯ଟି ୱିକେଟ ହରାଇ ମାତ୍ର ୨୦୩ ରନ ସଂଗ୍ରହ କରିଥିଲା। ଦବିଜୟୀ ଦଳର ମୁକେଶ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଆଜିର ମ୍ୟାଚକୁ ତ୍ରିଭୁବନ ନାଥ ଦାଶ ଓ ଅଭିନନ୍ଦନ ପାତ୍ର ପରିଚାଳନା କରିଥିଲେ। ଅତିଥିଭାବେ ନିମାପଡ଼ା କଲେଜ ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, କ୍ରୀଡାବିତ୍ ସତ୍ୟେନ୍ଦ୍ର ମୋହନ ମହାନ୍ତି, ଆସୋସିଏସନର କ୍ରୀଡା ସମ୍ପାଦକ ଅକ୍ଷୟ ବେହେରା ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ବିଶ୍ୱ ଭାରତୀ କଟକ ସହିତ ୟୁଆଣ୍ଡମି ବାଲେଶ୍ୱର ମଧ୍ୟରେ ଦିତ୍ୱୀୟ ସେମିଫାଇନାଲ ମ୍ୟାଚ୍ ହେବ।

## ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ଚାରିଛକ,୧୧।୧ (ସମିସ):** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ 'ନୂଆ-ଓ ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସ୍ୱର୍ଣ୍ଣରଶ୍ମୀ ସାହୁ ଜଗତର ନାଥ ଜଗନ୍ନାଥଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକ, ପ୍ରାଧ୍ୟାପିକା ବିନୋଦିନୀ ଦାଶ, ନୋଡାଲ ଅଧିକାରୀ ଡଃ ଶର୍ମିଷ୍ଠାରାଣୀ ମହାନ୍ତି, ଏନ୍‌ସିସି ମେଜର ପୁଷ୍ପଲତାଓ, ଅଧ୍ୟାପିକା କାନନବାଳା ନନ୍ଦ, ଅଧ୍ୟାପିକା ସୁଲୋଚନା ସାହୁ, ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ, ଅଧ୍ୟାପିକା ମଧୁମିତା ଦେଇ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଏହା ଦୃଷ୍ଟାନ୍ତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ଓଡିଆ ବିଭାଗର ଅଧ୍ୟାପିକା ସୁନିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯୭୯ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ



**କଣାସ, ୧୧।୧(ସମିସ):** କଣାସ ସରକାରୀୟ ଉଚ୍ଚ ବିଦ୍ୟାଳୟର ୧୯୭୯ ମସିହା ମାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ନିଜ ନିଜର ପରିବାର ସମ୍ପର୍କରେ ଆଲୋକପାତ କରିଥିଲେ। ମଦର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲର ଛାତ୍ରଛାତ୍ରୀ ନାଚଗୀତ ପରିବେଷଣ କରିଥିବାରୁ ସେମାନଙ୍କୁ ପରସ୍କୃତ କରାଯାଇଥିଲା। ସଂଯୁକ୍ତା ରାଉତାରୟ, ଶାନ୍ତିଲତା ସମାନ୍ତରାୟ, ପ୍ରମୋଦିନୀ ଛୋଟରାୟ ଏବଂ କାମଦେବ ରାଉତରାୟ ଗୀତ ପରିବେଷଣ କରିଥିଲେ।୧୯୭୯ ବ୍ୟାଚ ତରଫରୁ ପ୍ରତ୍ୟେକ ବର୍ଷ ମୋ ସମ୍ମାନ ଦିଆଯିବ ବୋଲି ଉତ୍ସବରେ ସ୍ଥିର ହେବାସହ ପ୍ରତିବର୍ଷ ଜାନୁଆରୀ ୧୦ତାରିଖ ଦିନ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଛି। ସୁକାନ୍ତ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଏହି ବନ୍ଧୁମିଳିନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ କ୍ରୀଡ଼ା ପ୍ରତିଯୋଗିତା



**ନୟାହାଟ, ୧୧।୧(ସମସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ କାକଟପୁର ସଙ୍କୁଳର ୬ ଟି ବିଦ୍ୟାଳୟକୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଗଡ଼ଅମରପ୍ରସାଦ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମାଧବାନନ୍ଦ ସ୍ୱାଇଁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ପ୍ରମୋଦ କୁମାର ଦାଶ, ସଭାପତି ବିଚିତ୍ରା ନନ୍ଦ ପାତ୍ର, ଯୁଗ୍ମ ସମ୍ପାଦକ ପ୍ରମାନନ୍ଦ ପାତ୍ର, ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ୬ ଟି ବିଦ୍ୟାଳୟରୁ ପ୍ରାୟ ୨ଶହ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

## ସାକ୍ଷୀଗୋପିନାଥ ପୀଠରେ ବଉଳ ଅମାବାସ୍ୟା ପର୍ବ

**ସାକ୍ଷୀଗୋପାଳ, ୧୧।୧(ସମିସ):** ବକୁଳ ଅମାବାସ୍ୟା ବା ବଉଳ ଅମାବାସ୍ୟା ଭାବେ ବେଶ ଜଣାଶୁଣା। ଏହି ଅବସରରେ ସାକ୍ଷୀଗୋପିନାଥଙ୍କର ବଉଳ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି।ଠାକୁର ଘୋଡଲାଗି ହୋଇଛନ୍ତି। ମା ରାଧାରାଣୀ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଆମ୍ବବଉଳ ଲାଗି କରାଯାଇଥିଲା। ଦ୍ୱିପହର ଧୂପରେ ଆମ୍ବ ବଉଳ ଖଣ୍ଡ ସହିତ ଗହମ ଗୁଣ୍ଡରେ ପ୍ରସ୍ତୁତ କରାଯାଇଥିବା ପିଠା ଠାକୁରଙ୍କୁ ଲାଗି କରାଯାଇଥିଲା। ପରେ ସେବାୟତମାନେ ଉପଚାର ଓ ଆଳତୀ କରାଯାଇଥିଲା ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କ ତତ୍ୱବଧାନରେ ସମସ୍ତ ଠାକୁରଙ୍କ ନୀତିକାନ୍ତି କରାଯାଇଛି। ସେହିପରି ଗ୍ରାମ ମାନଙ୍କରେ ଥିବା ମଠ, ମନ୍ଦିର ଓ ଭାଗବତ ଟୁଙ୍ଗୀମାନଙ୍କରେ ବଉଳ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି।

## ଖଣ୍ଡହତାରେ ଝାଡାବାନ୍ତି, ଜଣେ ମୃତ

**କଣାସ, ୧୧।୧(ସମିସ):** କଣାସ ବ୍ଲକ ଅର୍ନ୍ତଗତ ଖଣ୍ଡହତା ପଞ୍ଚାୟତର ଖଣ୍ଡହତା ଗ୍ରାମରେ ପାନୀୟଜଳ ସମସ୍ୟାକୁ ନେଇ ୮ଦିନ ହେଲା ଝାଡାବାନ୍ତି ଲାଗିରହିଛି। ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁବାର ରୋଜାଲିନୀ ପରିଡ଼ା (୨୮)ଙ୍କମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଗ୍ରାମେ ୧୨ଶହ ଲୋକ ବସବାସ କରୁଥିବା ବେଳେ ପାନୀୟଜଳ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ୩ଟି ପୋଖରୀର ଜଳଜଳକୁ ପାନୀୟଜଳ ଭାବେ ଗ୍ରାମବାସୀ ବ୍ୟବହାର କରୁଥିବା ସରପଞ୍ଚ ପ୍ରତାପ ପରିଡ଼ା କୁହନ୍ତି। ରୋଜାଲିନୀଙ୍କ ମୃତ୍ୟୁପରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଗ୍ରାମରେ ପହଁଞ୍ଚିଠିଚ ଗ୍ରାମରେ ବ୍ଲିଚିଂ ପକାଇବା ସହିତ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। କଣାସ ବିଡିଓ ନାରାୟଣ ସାହୁ, ସରପଞ୍ଚ ପ୍ରତାପ ପରିଡ଼ାଙ୍କୁ ୮ ଦିନ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେବାପରେ ଆଜି ସରପଞ୍ଚ ଶ୍ରୀପରିଡ଼ା ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପନୀୟଜଳ ଯୋଗାଇ ଦେଇଥିବା ଜଣାପଡ଼ିଛି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks
Contact
Sd/- Secretary
9438477846/9438160121/9337006245

ଦ୍ୱାଦଶାହ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପାର୍ବତୀ ଦାଶ
ଆବିର୍ଭାବ: ୦୧.୦୧.୧୯୨୫
ତିରୋଧାନ: ୦୧.୦୧.୨୦୨୪
ନନ୍ଦକିଶୋରପୁର, ଯାଜପୁର

ହେ ପୁଣ୍ୟାତ୍ମା ଚାହୁଁ ଚାହୁଁ ବାରଦିନ ବିତିଗଲା କିନ୍ତୁ ଆପଣଙ୍କ ଅନୁପସ୍ଥିତି ସବୁ ସମୟରେ ଅନୁଭବ କରୁଛୁ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ପୁତ୍ର- ନିଳକଣ୍ଠ ଦାଶ, ବୋହୂ- ଅନ୍ନପୂର୍ଣ୍ଣା, ନାତି- ଇଂ ବିଶ୍ୱନାଥ, ଇଂ ଅନ୍ତର୍ଯ୍ୟାମୀ, ନାତୁଣୀ ବୋହୂ- ବବଲି, କୁନି, ନାତୁଣୀ- ଅଞ୍ଜଳି, ନାତୁଣୀ ଜୋଇଁ- ପ୍ରଦୀପ୍ତ ତ୍ରିପାଠୀ, ପଣ ନାତି- ଶ୍ରେୟାଂଶୁ, ଆଦିତ୍ୟ ନାରାୟଣ, ପଣ ନାତୁଣୀ- ନିରୋଷା, ହିଶିକା, ଝିଅ- ଶାନ୍ତିଲତା, ନାତି - ଆଶୁତୋଷ, ଚିତ୍ତରଞ୍ଜନ, ଜ୍ୟୋତିରଞ୍ଜନ, ନାତୁଣୀ ବୋହୂ- ସୁଚି, ବବିନା, ମାମାଲି

୨୫ ତମ ଶ୍ରାଦ୍ଧବାର୍ଷିକୀ



ଆବିର୍ଭାବ
୨୩.୧୦.୧୯୪୧
ତିରୋଧାନ
୧୮.୧୨.୧୯୯୮

୰ ଶଶୀଭୂଷଣ ମହାପାତ୍ର
ବୀରନରସିଂହପୁର, ପୁରୀ

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ୨୫ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।

• ଶୋକସନ୍ତପ୍ତ •
ପତ୍ନୀ - ସୁପ୍ରଭା, ଶୁଭେନ୍ଦୁ ଓ ସସ୍ମିତା, ସ୍ମିତା ଓ ମନୋଜ, ସ୍ନିଗ୍ଧା ଓ ଅନୁପ, ସ୍ୱପ୍ନା ଓ ଅଶୋକ, ନେହା, ଶୁଭମ୍, ହାନା, ନିଶି, ଗୁନ୍‌ଗୁନ୍, ଆୟୁଷ, ନିଧି, ଅଭିଷେକ, କିନୋ, ବନ୍ଧୁ ଓ ପରିବାରବର୍ଗ
ପ୍ଲଟ୍ ନଂ-ପିପି-୪୬, ପାଣ୍ଡବ ନଗର, ଭୁବନେଶ୍ୱର

୧୧/୧/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୬୧,୯୯୯/- ସୁନା: ୦୦.୪୦୦ ଗ୍ରାମ୍ ରୁପା: ୨୫.୨୦୦ ଗ୍ରାମ୍










# ପରିକ୍ରମା ଲୋକାର୍ପଣରେ ଯୋଗଦେବେ ଜାପାନୀ ପର୍ଯ୍ୟଟକ

**ପୁରୀ, ୧୧।୧ (ସମିସ):** ଆସନ୍ତା ୧୭ ତାରିଖରେ ଲୋକାର୍ପଣ ହେବ ଶ୍ରୀମନ୍ଦିର ପରିକମା ପ୍ରକଳ୍ପ। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏହି ଲୋକାର୍ପଣ ଉତ୍ସବରେ ଯୋଗଦେବେ ଜାପାନୀ ପର୍ଯ୍ୟଟକ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କୁ ଉତ୍ସବରେ ଯୋଗଦେବା ଲାଗି ନିମନ୍ତ୍ରଣ କରିଛନ୍ତି। ତାଙ୍କ ସହ ୨ ଜଣ ଜାପାନୀ ପର୍ଯ୍ୟଟକଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଶ୍ରୀ ଦାଶ। ସେ କହିଛନ୍ତି, ସେଣ୍ଟର ପକ୍ଷରୁ ୧୫ ବର୍ଷ ହେବ ଜାପାନୀ ପର୍ଯ୍ୟଟକ ରଥଯାତ୍ରା ଦିନ ଚକ୍ରତୀର୍ଥ ରୋଡରୁ ବଡ଼ଦାଣ୍ଡ ଭକ୍ତସାଲ ବେଗପୀଠ ପର୍ଯ୍ୟନ୍ତ କୁନି ରଥ ଟାଣି ନେଇଥାନ୍ତି। ଘୋଷଯାତ୍ରାର ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ସେମାନଙ୍କୁ ଜାପାନୀ ଭାଷାରେ ଅବଗତ କରିବା ପରେ ରଥଯାତ୍ରା ପ୍ରତି ଆକୃଷ୍ଟ ବଢ଼ିଥିଲା। ସେଥିଲାଗି ପ୍ରତ୍ୟେକ ବର୍ଷ ରଥଯାତ୍ରାରେ ଅଧିକରୁ ଅଧିକ ଜାପାନୀ ପର୍ଯ୍ୟଟକ ପୁରୀ ଆସି ଏଥିରେ ସାମିଲ ହେଉଛନ୍ତି। ସେହିପରି ଜାପାନର ଟୋକିଓ ଓ ଓସକାରେ ମଧ୍ୟ ରଥଯାତ୍ରା ଆୟୋଜନ ହେଉଛି। ତେବେ ପୁରୀରେ ପରିକ୍ରମା ପ୍ରକଳ୍ପ ସମେତ ଶ୍ରୀସେତୁ, ଶ୍ରୀଦାଣ୍ଡ, ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣ ସରିଥିବା ବେଳେ ଆନ୍ତର୍ଜାତିକ ବିମାନବନ୍ଦର କାର୍ଯ୍ୟ ଜାରି ରହିଛି। ଫଳରେ ଆଗକୁ ପୁରୀରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ। ଶ୍ରୀକ୍ଷେତ୍ରର ସାମଗ୍ରିକ ବିକାଶ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଫ୍ରେଣ୍ଡସିପ ସେଣ୍ଟର ପକ୍ଷରୁ ସାଧୁବାଦ ଜଣାଇଛନ୍ତି ସଭାପତି ଶ୍ରୀ ଦାଶ।

# ଗୀତିକାର ବଦ୍ରି ମିଶ୍ରଙ୍କୁ କବିଚନ୍ଦ୍ର ସ୍ମୃତି ସମ୍ମାନ

**ପୁରୀ, ୧୧।୧(ସମିସ):** କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୬ତମ ଜୟନ୍ତୀ ଅବସରରେ ବିଶିଷ୍ଟ ଗୀତିକାର ବଦ୍ରି ମିଶ୍ରଙ୍କୁ କବିଚନ୍ଦ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଗୀତିକାର ଶ୍ରୀ ମିଶ୍ରଙ୍କ ଅନେକଗୁଡ଼ିଏ ଭଜନ, ପଲ୍ଲୀ, ଦେଶାତ୍ମବୋଧକ ଓ ଆଧ୍ୟାତ୍ମିକ ଗୀତ, ଆକାଶବାଣୀ ଓ ଦୂରଦର୍ଶନ ପ୍ରଭୃତିରେ ପ୍ରସାରିତ ଓ ପ୍ରଚାରିତ ହୋଇଆସୁଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ବରିଷ୍ଠ ଗୀତିକାର ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସଞ୍ଜିତ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଓ ସାହିତ୍ୟିକ ପ୍ରଫେସର ନଟବର ଶତପଥୀ ଶ୍ରୀ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ



**ପୁରୀ, ୧୧।୧(ସମିସ):** ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ସୋମବାର ବକୁଳ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡ଼ୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡ଼ୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଜମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ବେଆଇନ କରତ କଳ ଉପରେ ଚଢ଼ଉ

# ୩୭ ଲକ୍ଷର ଯନ୍ତ୍ରାଂଶ ଓ କାଠ ଜବତ

**ବଳଙ୍ଗା, ୧୧।୧(ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ଓ ଖେଲାର କୁଅଁରପୁରଠାରେ ଚାଲୁଥିବା ବେଆଇନ କରତ କଳ ଉପରେ ଗୁରୁବାର ବନବିଭାଗ ଭିଜିଲାନ୍ସ ଟିମ୍ ଚଢାଉ କରି ପ୍ରାୟ ୩୭ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ କରିଛି। ବନ ବିଭାଗ ଭିଜିଲାନ୍ସ ଶାଖା ଏସ୍‌ସିଏଫ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ନେତୃତ୍ୱରେ ପୁରୀ ବନ୍ୟପ୍ରାଣୀ ଡ଼ିଭିଜନ ର ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀ ଏପିଆର ଫୋର୍ସ ସହାୟତାରେ ସକାଳେ ପ୍ରଥମେ ହରିପୁର ଓ ପରେ କୁଅଁରପୁର ସ୍ଥିତ କରତକଳ ଉପରେ ଚଢାଉ କରିଥିଲେ। ଏହି ସମୟରେ କରତକଳ ମାଲିକ ଫେରାର୍ ହୋଇଯାଇଥିବା ବେଳେ ଆସିଥିବା ଟିମ୍ କରତ କଳର ବିଭିନ୍ନ ଯନ୍ତ୍ରାଂଶଗୁଡିକ ଗ୍ୟାସ କଟରରେ କାଟିନେବା ସହ ଚିରଟ ହୋଇଥିବା ଲକ୍ଷାଧିକ ଟଙ୍କାର କାଠ ଜବତ କରିଛନ୍ତି। ଏହି କରତକଳଗୁଡ଼ିକ ବିନା ଲାଇସେନ୍ସରେ ଚାଲୁଥିଲା।

### ଏମିତି ତିନି ସାଙ୍ଗ
### କହୁଛନ୍ତି ପରିବେଶ ସୁରକ୍ଷା, ଜୀବନ ରକ୍ଷା

# ଆସିଛନ୍ତି ଶ୍ରୀକ୍ଷେତ୍ର ଧାମ

**ଭୁବନେଶ୍ୱର/ପୁରୀ, ୧୧।୧(ସମିସ)**

ଆରାଧ୍ୟ ଦେବତାର ଡୋରି ନ ଲାଗିଲେ କେହି ଶ୍ରୀ କ୍ଷେତ୍ରରେ ଇଚ୍ଛା ଥିଲେ ବି ଶରଧାବାଲିରେ ପାଦ ରଖିପାରି ନ ଥାଏ। ଚକା ଆଖିକୁ ଟିକେ ଦେଖିବା ପାଇଁ ସେ ଆତୁର ହୋଇ ଉଠେ। ଭକ୍ତର ମନର ଭାବ ଜାଣି ଭାବ ବିନୋଦିଆ ଠାକୁର ବି ରହି ପାରେ ନାହିଁ ତାର ଭକ୍ତ ବିନା। ସେଥିପାଇଁ ଯେତେ ଦୁଃଖ ଅସୁବିଧା ଥିଲେ ବି ଭକ୍ତ ପାଇଁ ଖୋଲି ଦିଏ ପୁରୀକୁ ଆସିବାର ଦ୍ୱାର। ଦୂରଦୂରାନ୍ତରୁ ଭକ୍ତ ଆସି ବଡ଼ ଦାଣ୍ଡରେ ପାଦ ଦିଏ। ତା ପରେ ହୁଏ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ। ସେ ଜିଲ୍ଲା ହେଉ ଅବା ରାଜ୍ୟ। ଦେଶ ହେଉ ଅବା ବିଦେଶ ସମସ୍ତଙ୍କ ପ୍ରିୟ ଠାକୁର ହେଉଛି ଜଗାକାଳିଆ। ପରିକ୍ରମା ପ୍ରକଳ୍ପ ସମୟରେ ଦେଖିବାକୁ ମିଳିଛି ଏଭଳି ନିଆରା ଦୃଶ୍ୟ। ଆଜି ନୀଳାଚଳ ଧାମରେ ପ୍ରଭୂ କୃପା ପାଇଛନ୍ତି ଏ ତିନି ସାଙ୍ଗ। ଜଗନ୍ନାଥଙ୍କ କରୁଣା ବଳରେ ସେମାନେ ସାନିଧ ପାଇଁ ନିଜ କଷ୍ଟକୁ ବି କଷ୍ଟ ପରି ଲାଗୁ ନ ଥିବା କହିଛନ୍ତି। ଏମିତି ତିନି ଜଣ ସାଙ୍ଗ ହେଲେ ଟିଏସ ସମର, ଶୁଭ୍ରଜିତ୍ ଓ ଆଉ ଜଣେ। ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ସାଇକଲରେ ସାରା ଭାରତ ପରିଭ୍ରମଣରେ ଥିବା ଏହି ତିନି ଜଣ ସାଙ୍ଗ ଆଜି ପୁରୀରେ ପହଞ୍ଚି ତାହାର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିଛନ୍ତି। ପୁରୀବାସୀ ମଧ୍ୟ ତାଙ୍କୁ ବହୁ ସାହାଯ୍ୟ କରିଛନ୍ତି। କିଏ ତାଙ୍କ ସହ ଫଟୋ ନେଉଥିଲେ ତ ପୁଣି କିଏ ଖାଇବା ବ୍ୟବସ୍ଥା କରୁଥିଲେ। ଏହି ତିନି ସାଙ୍ଗଙ୍କ ଏଭଳି ପ୍ରୟାସ ଆଜି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତାହା ସହ ସେମାନେ ପରିକ୍ରମା ପ୍ରକଳ୍ପ ସମୟରେ ପୁରୀ ଆସି ବେଶ୍ ଖୁସି ଅଛନ୍ତି। ପ୍ରକାଶ ଯୋଗ୍ୟ ଯେ ସେମାନେ ଭାରତର ୧୨ ଟି ଜ୍ୟୋର୍ତିଲିଙ୍ଗ ପରିଦର୍ଶନ କରିବେ। ତାହା ପୁଣି ଗୋଟିଏ ଗୋଟିଏ ଛୋଟିଆ ସାଇକଲ ମାଧ୍ୟମରେ। ଯେଉଁଥିରେ ରହିଛି ପରିବେଶ ସଚେତନତାର ସୁନ୍ଦର ବାର୍ତ୍ତା। ଏହି ତିନି ସାଙ୍ଗ ଦୁଇ ଦିନ ପୁରୀରେ ରହିବାର ଲକ୍ଷ୍ୟ ରଖିଛନ୍ତି।





## ଫ୍ରାନ୍ସର ଜଗନ୍ନାଥ ଭକ୍ତ

ଶରୀରରେ କାଳିଆର ଟି ସାର୍ଟ, କଣ୍ଠରେ ପ୍ରଭୁ କୀର୍ତ୍ତନ ସାତ ସମୁଦ୍ର ପାର ହୋଇ ଜଣେ ଫ୍ରାନ୍ସ ପର୍ଯ୍ୟଟକ ମଧ୍ୟ ଗୁରୁବାର ପୁରୀ ବଡ଼ ଦାଣ୍ଡରେ କାଳିଆର କୀର୍ତ୍ତନରେ ନିଜକୁ ସମର୍ପି ଦେଉଥିବା ନଜର ଆସିଥିଲେ। ପୂର୍ବରୁ ମଧ ସେ ତିନିଥର ପୁରୀ ଆସିଛନ୍ତି। ମାତ୍ର ଏବେ ପୁରୀ ପୂର୍ବ ଅପେକ୍ଷା ବହୁତ ସୁନ୍ଦର ଲାଗୁଛି ଓ ତାଙ୍କୁ ଶୌଚଠୁ ଆରମ୍ଭ କରି ପାନୀୟ, ରହିବା, ଖାଇବା ବା ଯିବା ଆସିବାରେ କିଛି ବି ଅସୁବିଧା ହେଉ ନାହିଁ ବୋଲି ଏହି ଫ୍ରାନ୍ସର ପର୍ଯ୍ୟଟକ ଜଣକ କହିଛନ୍ତି। ଏହି ଭକ୍ତ ଜଣକ ପୁରୀ ବଡ଼ ଦାଣ୍ଡରେ କାଳିଆର ଚିତ୍ର ଥିବା ଟି ସାର୍ଟ ପିନ୍ଧି କୀର୍ତ୍ତନରେ ନିଜକୁ ମଗ୍ନ କରି ଦେଉଥିଲେ। ତାହା ସହ କଣ୍ଠରୁ ନିର୍ଝରିତ ହୋଇ ଆସୁଥିଲା ଜଗନ୍ନାଥଙ୍କ ଭଜନ। ବଡ଼ ଦାଣ୍ଡରେ ଯିଏ ବି ତାଙ୍କୁ ଦେଖୁଥିଲା କହୁଥିଲା ଭକ୍ତ ହେବ ତ ଏମିତି।

# ସ୍ୟାଣ୍ଡ ଆନିମେଶନ୍‌ରେ ପରିକ୍ରମା ପ୍ରକଳ୍ପ

**ପୁରୀ, ୧୧।୧(ସମିସ)**



ବହୁ ପ୍ରତିକ୍ଷୀତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଆନ୍ତର୍ଜାତିକ ସାଣ୍ଡ ଆନିମେଟର ମାନସ କୁମାର ସାହୁ ପ୍ରକଳ୍ପକୁ ଆଧାର କ୍ଷୁଦ୍ର ବାଲୁକା ଆନିମେଶନ ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି। ୫ ମିନିଟ୍ ୩୦ ସେକେଣ୍ଡ ଅବଧିର ଏହି ଆନିମେଶନ ଚଳଚ୍ଚିତ୍ରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଅତି ନିଖୁଣ ଭାବେ ଦର୍ଶାଇଛନ୍ତି ମାନସ। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ କିଭଳି ଅବସମ୍ଭାଳ ଭିଡ଼ ହେଉଥିଲା ଜନସାମଜ ହଇରାଣ ହେଉଥିଲେ, ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ସହିତ ଗାଡି ରାସ୍ତାକୁ ଆହୁରି ସଂକୀର୍ଣ୍ଣ କରିଦେଉଥିଲା, ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିବା ପାଇଁ ଘଣ୍ଟା ଘଣ୍ଟା ପ୍ରବଳ ଖରାରେ ଛିଡା ହୋଇ ରହୁଥିଲେ। ଏହି ବାସ୍ତବତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୃଦୟଙ୍ଗମ କରିବା ସହ ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ପରବର୍ତ୍ତୀ ସମୟରେ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଭକ୍ତଙ୍କ ସୁବିଧା ପାଇଁ ଶୌଚାଳୟ, ପାନୀୟ ଜଳ, ପାର୍କିଂ, ଜୋତା ଓ ମୋବାଇଲ ଷ୍ଟାଣ୍ଡ, ଶ୍ରୀଦାଣ୍ଡ, ଶ୍ରୀସେତୁ, ଶୀତତାପ ନିୟନ୍ତ୍ରିତ ଶେଡ୍ ନିର୍ମାଣ କରାଯାଇଛି। ପୁରୀର ଏହି ଅଭୁତପୂର୍ବ ପରିବର୍ତ୍ତନର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୟାଣ୍ଡ ଆନିମେସନ ମାଧ୍ୟମରେ ଚିତ୍ରଣ କରିଛନ୍ତି ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁ। ଏହି ବାଲୁକା ଆନିମେସନକୁ ନିର୍ମାଣ କରିବାକୁ ମାନସଙ୍କୁ ୧୫ ଘଣ୍ଟା ସମୟ ଲାଗିଛି।

### ଚେକିଂ ବେଳେ ଧରାପଡ଼ିଲେ ୯ ମଦୁଆ

# ୭୦ ଚାଳକଙ୍କୁ ୪, ୯୮, ୯୬୦ ଟଙ୍କା ଜରିମାନା

**ପୁରୀ, ୧୧।୧(ସମିସ):** ଆଞ୍ଚଳିକ ପରିବହନ ବିଭାଗ ପୁରୀ ପକ୍ଷରୁ ମୋଟର ଯାନ ସଂଶୋଧିତ ଆଇନ ଉଲ୍ଲଂଘନ କରୁଥିବା ଚାଳକଙ୍କ ଉପରେ ଚଢାଉ ଅଭିଯାନ ଜାରି ରହିଛି। ପରିବହନ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ, ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଆର୍‌ଟିଓ (ଆଞ୍ଚଳିକ ପରିବହନ ଅଧିକାରୀ ) ରବୀନ ପଟ୍ଟନାୟକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଚଢାଉ କରୁଛନ୍ତି। ଗତ ମଙ୍ଗଳବାର ରାତିରେ ଆର୍‌ଟିଓ ଶ୍ରୀ ପଟ୍ଟନାୟକଙ୍କ ସମେତ ଏମ୍‌ଭିଆଇ ରାଜେଶ କୁମାର ମହାପାତ୍ର, ଆସିଷ୍ଟାଣ୍ଟ ଏମ୍‌ଭିଆଇ ଅମିତ କୁମାର ରଣା ଓ ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ନିୟମ ଉଲ୍ଲଂଘନକାରୀ ୭୦ ଜଣ ଚାଳକଙ୍କ ଗାଡ଼ି ନମ୍ବରରେ ଚାଲାଣ କରିଥିଲେ। ସେମାନଙ୍କ ଉପରେ ୪, ୯୮, ୯୬୦ ଟଙ୍କା ଜରିମାନା ହୋଇଥିବା ବେଳେ ନଗଦ ୨, ୮୩, ୫୯୦ ଆଦାୟ ହୋଇଛି। ତେବେ ଏହି ଧରପପଗଡ଼ ସମୟରେ ୯ ଜଣ ମଦୁଆ ଚାଳକ ଧରାପଡ଼ିଥିବା ଆର୍‌ଟିଓ ଶ୍ରୀ ପଟ୍ଟନାୟକ କହିଛନ୍ତି।

# ବିଜେଡିରେ ମିଶିଲେ ବିଜେପି କର୍ମୀ



**ପୁରୀ, ୧୧।୧(ସମିସ)**

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକର ବହୁ ବିଜେପି କର୍ମୀ ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କର ବଜ୍ରକୋଟ ପଞ୍ଚାୟତ ଉଦୟଗିରି ଓ ତାଳତଳା ଏବଂ ବଜ୍ରକୋଟ ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ପରିବାର, ରାମଲେଙ୍କା ପଞ୍ଚାୟତ କୁମାରପୁର ଓ ବାଲିପାଟପୁର ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ପରିବାର ଓ ତିତିପ ପଞ୍ଚାୟତ ଫୁଲବାରୀ ଗ୍ରାମର ୪ରୁ ଉର୍ଦ୍ଧ୍ୱ ପରିବାର ସମେତ କୃଷ୍ଣପ୍ରସାଦ ବ୍ଲକରୁ ଶତାଧିକ ବିଜେପି କର୍ମୀ ଭାରତୀୟ ଜନତା ପାର୍ଟି ପରିତ୍ୟାଗ କରି ଗୁରୁବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

### ଗ୍ଲୋରିଫେଷ୍ଟର ତୃତୀୟ ସନ୍ଧ୍ୟା

# ବେଳାଭୂମିରେ ଉଷ୍ମତା ଭରିଲେ ତିଳକ ଓ ତ୍ରିଶା

**ପୁରୀ, ୧୧।୧(ସମିସ)**

ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚାରିଦିନିଆ ଗ୍ଲୋରିଫେଷ୍ଟର ଗୁରୁବାର ତୃତୀୟ ସନ୍ଧ୍ୟାରେ ବେଳାଭୂମିରେ ପୁରସ୍କାର ବିତରଣ ସମେତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧୂମ୍‌ଧଡାକ ନାଚ ଗୀତରେ ତିଳକ ଚକ୍ରବର୍ତ୍ତୀ ଓ ତ୍ରିଶା ଚକ୍ରବର୍ତ୍ତୀଙ୍କ ବେଳାଭୂମିରେ ଉଷ୍ମତା ଭରିଥିଲେ। ଦର୍ଶକମାନଙ୍କ ମନଛୁଆଁ ଗୀତ ପରିବେଷଣ କରିଥିଲେ। ତେବେ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ ଷଡଙ୍ଗୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଫ୍ଲାଗ ଫାଉଣ୍ଡେଶନର ପ୍ରଶାନ୍ତ ହୋତା, ଶୁଭାଶିଷ ଖୁଣ୍ଟିଆ, ଶଙ୍କର୍ଷଣ ପରିଡ଼ା, ଚକ୍ରଧର ମହାପାତ୍ର, ଗୌରହରି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତେବେ ଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ଲାଇଟ ଭୋକାଲ ସଙ୍ଗୀତ, ବାଦ୍ୟଯନ୍ତ୍ର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ଆଙ୍କର କି ଖୋଜ, ଗ୍ରୁପ୍ ଡିସ୍କସନ, ବାଦ୍ୟଯନ୍ତ୍ର, ଲାଇଟ୍ ଭୋକାଲ ଓ କ୍ଲାସିକାଲ ନୃତ୍ୟ ଆଦି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବେଳାଭୂମି ମଞ୍ଚରେ ପୁରସ୍କୃତ କରାଯାଇଥିଲା।

ଆଜିର କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ହରେକୃଷ୍ଣ ଶତପଥୀଙ୍କ ସମେତ କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସଂଗ୍ରାମ କେଶରୀ କାନୁନ୍‌ଗୋ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଜଗମୋହନ ଚୌଧୁରୀ, ସାଂସ୍କୃତିକ ସମ୍ପାଦକ ଦାମୋଦର ଶତପଥୀ, ସାଙ୍ଗଠନିକ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ଶଙ୍କର ପ୍ରଧାନ, ସଞ୍ଜୀବ କୁମାର ରଥଶର୍ମା, ଜିତେନ୍ଦ୍ର ନାଥ କଟିସ, ଆଲୋକ କୁମାର ବିଶୋଇ, ପ୍ରଦୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

**ବଳଙ୍ଗା, ୧୧।୧(ସମିସ):** ପୁରୀ ସଦର ଥାନା ପୁଲିସ ବୁଧବାର ଅଠରନଳାସ୍ଥିତ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରି ନିକଟରେ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା'ଠାରୁ ୧୦ ଗ୍ରାମ ବ୍ରାଉନସୁଗର ଜବତ କରିଛନ୍ତି। ଅଭିଯୁକ୍ତ ହେଲେ ରେଲୱେ ଫାଟକ ଚମାର ସାହିର ମନୋଜ ବେହେରା। ଏଥିସହ ତା'ଠାରୁ ଗୋଟିଏ ମୋବାଇଲ ଫୋନ୍ ଏବଂ ୨୬୦୦ ଟଙ୍କା ମଧ୍ୟ ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୨/୨୪) ରୁଜୁ କରାଯାଇ ଗୁରୁବାର ତାକୁ କୋର୍ଟଚାଲାଣ କରାଯାଇଛି।

ସକାଳ THE SAKALA



ଓଡ଼ଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

# ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ମାଧ୍ୟମ

ଓଡ଼ଗାଁ, ୧୧।୧(ସମିସ)

ଓଡ଼ଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା -୨୦୨୪ ପ୍ରଥମ ସନ୍ଧ୍ୟା ସଭା ମଞ୍ଚର ସଭାପତି ସମାଜସେବୀ ସଙ୍ଗଠକ ସୂର୍ଯ୍ୟ ନାରାୟଣ ଚୌଧୁରୀ ପ୍ରାରମ୍ଭିକ ବକ୍ତବ୍ୟରେ ଆମର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀରଘୁନାଥଜିଉ, ଜାମୁପାଟଣା ଠାରେ ବିଜେ ପ୍ରଭୁ ଦ୍ଵିତୀକେଶ୍ୱରଜୀଉଙ୍କ ପୀଠ ରୂପାନ୍ତରିକରଣର ଆରମ୍ଭ ହୋଇଥିବା କାର୍ଯ୍ୟ ଶେଷ ହେବା ପରେ ଏହି ପୂଣ୍ୟଭୂମି ଏକ ତୀର୍ଥସ୍ଥଳୀ ଭାବେ ଆକର୍ଷଣୀୟ ହୋଇପାରିବ ବୋଲି କହିଥିଲେ। ଶ୍ରୀ ରଘୁନାଥ ମନ୍ଦିରଠାରୁ ଶ୍ରୀଜୀଉଙ୍କ ଆଜ୍ଞାମାଳ ସହ ମଶାଲ ନେଇ ବିଶାଳ ଶୋଭାଯାତ୍ରାରେ ବାହାରି ମହୋତ୍ସବ ସ୍ଥଳରେ ପହଞ୍ଚି ପ୍ରଦୀପ ପ୍ରଜ୍ୱଳନ କରି ଓଡ଼ଗାଁ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ୨୦୨୪ମହୋତ୍ସବ କମିଟି ସଭାପତି ତଥା ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

ସମାଜସେବୀ ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ସମବାୟ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ, ଓଡ଼ଗାଁ ସମବାୟ ସମିତି ସଭାପତି ବିଭୁପ୍ରସାଦ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦାମୋଦର ଖିଲାର ପ୍ରମୁଖ ଯୋଗଦେଇ ମହୋତ୍ସବ ମାଧ୍ୟମରେ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଏକ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ବିଦ୍ୟାଳୟ ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ କୋମଣ୍ଡ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଖୁପଦର ଦିତୀୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନାମୁହଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭାବଗ୍ରାହୀ ମହାପାତ୍ର ସଂଯୋଜନା କରିଥିବା ବେଳେ ପଞ୍ଚାନନ ପଣ୍ଡା ଓ ରଞ୍ଜନ ଦାଶ ସହଯୋଗ କରିଥିଲେ।

ନୟାଗଡ଼ର ରକଷ୍ଟାର ଡ୍ୟାନ୍ସ ଏକାଡେମୀ ଏବଂ ବଲାଙ୍ଗିରର ମେଲୋଡି ଜିଥିଲେ ଜୀବିକା ନୃତ୍ୟ ସଙ୍ଗୀତ ପରିବେଷଣ ବେଶ ଆକର୍ଷଣୀୟ ହୋଇପାରିଥିଲା। ୧୨ ତାରିଖ ମହୋତ୍ସବର ଦିତୀୟ ସନ୍ଧ୍ୟାରେ ସ୍ଥାନୀୟ ଛାତ୍ରଛାତ୍ରୀଙ୍କର କଳାକୃତି ପ୍ରଦର୍ଶନ ସହିତ ବିଣାପାଣି କଳାନିକେତନ କେଉଁଝର, ମାରୁତି ବଏଜ୍ ଫାୟାର ଗ୍ରୁପ ପୁରୀ, ସରସ୍ୱତୀ ଡ୍ୟାନ୍ସ ଏକାଡେମି ଓଡ଼ଗାଁ, ଶ୍ଳିପିକା ଆଣ୍ଡ ଟ୍ରାକ ସିଙ୍ଗର ଭୁବନେଶ୍ୱର ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହେବ।




## ଦଶପଲ୍ଲା କପ୍ ଫୁଟବଲ: ସେମିରେ ଏମ୍‌ଜେବି ଦିଲ୍ଲୀ

ଦଶପଲ୍ଲା, ୧୧।୧(ସମିସ): ସ୍ଥାନୀୟ ଗାନ୍ଧୀ ମଇଦାନରେ ଚାଲିଥିବା ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨ୟ ଦିନ ଖେଳ ସରିଛି। ପ୍ରଥମ ଲିଗ୍ ମ୍ୟାଚରୁ ପ୍ରଥମ ଦଳ ଭାବରେ ଏମ୍‌ଜେବି ଦିଲ୍ଲୀ ଦଳ ଉନ୍ନତମାନର ଖେଳ ପ୍ରଦର୍ଶନ କରିଥିଲେ। ନିଷ୍କର୍ଷ ବିହୀନ ଖେଳର ଅନ୍ତିମ ପର୍ଯ୍ୟାୟରେ ଟାଇ ବ୍ରେକର୍ ପଦ୍ଧତିରେ ଦିଲ୍ଲୀ ଦଳ ୪-୩ ଗୋଲରେ ଭଞ୍ଜନଗର ଦଳକୁ ମାତ୍ ଦେଇ ପ୍ରଥମ ଦଳ ଭାବରେ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଥାନା ଭାରପ୍ରାପ୍ତ ନିରିକ୍ଷକ ମୁକେଶ ବେହେରା ଯୋଗ ଦେଇ ଉଭୟ ପକ୍ଷ ଖେଳାଳିଙ୍କୁ ପ୍ରୋତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ ସ୍ୱପ୍ନେଶ୍ୱର କହଁର ଓ ଲାଇନ୍ ପରିଚାଳନା କରିଥିଲେ ପ୍ରତାପ ମୁଦୁଲି ଓ ରବୀନ୍ଦ୍ର ନାୟକ। ଆସନ୍ତାକାଲି ୨ୟ ଲିଗର ପ୍ରଥମ ମ୍ୟାଚରେ ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍ ବିହାର ବନାମ ପତାକା କ୍ଲବ୍ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ହେବା ନେଇ ସମ୍ପାଦକ ଭବାନୀ ମିଶ୍ର ସୂଚନା ଦେଇଛନ୍ତି।

● ଓଡ଼ଗାଁ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ଅନୁଗୁଳର ଅମ୍ଳାନ, ତନ୍ମୟ ଚାମ୍ପିଅନ

ଓଡ଼ଗାଁ, ୧୧।୧(ସମିସ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋଡ କଲ୍ୟାଣମଣ୍ଡପଠାରେ ୧୩ତମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ଗାଁ କପ୍ ୨୦୨୪ ଉଦଯାପିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅନୁଗୁଳର ଅମ୍ଳାନ ଓ ତନ୍ମୟ ଚାମ୍ପିଅନ ଟ୍ରଫି ହାସଲ କରିବା ସହିତ ୧୦ ହଜାର ଟଙ୍କା କ୍ୟାସ ପୁରସ୍କାର ଏବଂ ଭୁବନେଶ୍ୱରର ଅବିନାଶ ଓ ପାରସ ରନର୍ସପ ଟ୍ରଫି ସହିତ ୮ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଆୟୋଜକ ବ୍ୟାଡମିଣ୍ଟନ ଆସୋସିଏସନଠାରୁ ଅତିଥିଙ୍କ ଦ୍ୱାରା ଗ୍ରହଣ କରିଥିଲେ। ଏଥିସହିତ ତୃତୀୟ ରନର୍ସପ ଭାବେ ରାମ ଏବଂ ସାଥି ୫ ହଜାର ଟଙ୍କା ଏବଂ ୪ର୍ଥ ରନର୍ସଅପ ଭାବେ ମଣି ଏବଂ ସାଥି ୩ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଅନୁଗୁଳର ତନ୍ମୟଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଏବଂ ଷୋନପୁର ରାମଙ୍କୁ ବେଷ୍ଟ ଶ୍ଲାସର ଭାବେ ୧ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ୧୮ ଟି ଦଳ ଭାଗ ନେଇଥିଲେ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କ ସହିତ ସୂର୍ଯ୍ୟନାରାୟଣ ଚୌଧୁରୀ ଯୋଗ ଦେଇଥିଲେ। ବିଶ୍ୱ ଟୁର୍ଣ୍ଣାମେଣ୍ଟର ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ପାତ୍ର ଏବଂ ନରେଶ ପାଣିଗ୍ରାହୀ ଖେଳର ବିବରଣୀ ପ୍ରଦାନ କରିଥିଲେ। ଆସୋସିଏସନର ସମ୍ପାଦକ ବିଭୁପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଶ୍ରାଦ୍ଧବାର୍ଷିକୀ

ଶରଣକୁଳ, ୧୧।୧(ସମିସ): ରିତିଯୁଗୀୟ କାବ୍ୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା, ଉତ୍କଳ ସାହିତ୍ୟ ଆକାଶର ପ୍ରଥମ କବିସୂର୍ଯ୍ୟ ତଥା ନୟାଗଡ଼ ମାଟିର ଗୌରବ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କର ଶ୍ରାଦ୍ଧବାର୍ଷିକୀ ପବିତ୍ର ବକୁଳ ଅମାବାସ୍ୟାରେ ଶରଣକୁଳ ଭିକାରିପଡ଼ାସ୍ଥିତ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲଠାରେ ପାଳିତ ହୋଇଯାଇଛି। ସ୍କୁଲ ମଧ୍ୟରେ ଥିବା କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ସହିତ ଛାତ୍ରଛାତ୍ରୀ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍କୁଲ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ଶିଶୁ ସଭାରେ ବେଦଜ୍ଞ ପଣ୍ଡିତ କିଶୋର ଚନ୍ଦ୍ର କର, ସ୍କୁଲ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ରବୀନ୍ଦ୍ର କୁମାର ତ୍ରିପାଠୀ, ରାଜେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ କୃତି, ରଚିତ ବିଭିନ୍ନ ଗ୍ରନ୍ଥ ଓ କାବ୍ୟ କବିତା ଉପରେ ଆଲୋଚନା କରିଥିଲେ।

● ୧୫ ଦିନରେ ୧୦ ପ୍ରତିଶତ ଧାନକିଣା

## ଏଯାଏଁ ସାମିଲ ହୋଇନାହାନ୍ତି ୩ ମିଲର୍

ନୟାଗଡ଼, ୧୧।୧(ସମିସ): ଡିସେମ୍ବର ୨୭ରୁ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଥିବା ବେଳେ ଏଯାଏଁ ୧୦ ପ୍ରତିଶତ ଧାନକିଣା ହୋଇନଥିବା ଜଣାଯାଇଛି। ଏବର୍ଷ ନୟାଗଡ଼ରେ ୧ ଲକ୍ଷ ୪୩ ହଜାର ୨୯ କ୍ୱିଣ୍ଟାଲ ଧାନକିଣା ହୋଇଥିବା ସୂଚନା ମିଳିଛି। ୧୫ ଦିନରେ ୧୦ ପ୍ରତିଶତ ଧାନକିଣା ନହୋଇ ପାରିବା ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ୧୫୩ ପ୍ୟାକ୍ସ ଅଧୀନରେ ୧୬୭ ମଣ୍ଡିରେ ଧାନକିଣା ପାଇଁ ବ୍ୟବସ୍ଥା ହୋଇଛି। ଜିଲ୍ଲାରେ ଉକ୍ତ ମଣ୍ଡିଗୁଡ଼ିକ ମଧ୍ୟରୁ ଅନେକ ସ୍ଥାନରେ ଏଯାଏଁ ମଣ୍ଡି ଖୋଲି ନାହିଁ। ନୟାଗଡ଼ ଜିଲ୍ଲାରେ ୧୭ ଜଣ ମିଲର ଧାନକିଣାରେ ସାମିଲ ହେବାକୁ ଥିବା ବେଳେ ୧୪ ଜଣ ମିଲର ଧାନକିଣାରେ ସାମିଲ ହୋଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନାନୁସାରେ, ଜିଲ୍ଲାରେ ୨ ଜଣ ମିଲର ଏବେ ଏଗ୍ରିମେଣ୍ଟ କରିଛନ୍ତି। ସେ ଦୁଇ ମିଲର ଖୁବ୍‌ଶୀଘ୍ର ସାମିଲ ହେବେ। ଅନ୍ୟ ଜଣେ ମିଲର ଏଗ୍ରିମେଣ୍ଟ କରିନଥିବା ଯୋଗାଣଅଧିକାରୀ ବଜେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

● ବ୍ଲକସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

## ଦଳକୁ ଚାମ୍ପିଅନ ଟ୍ରଫି ସହ ପୁରସ୍କାର ପ୍ରଦାନ



ଓଡ଼ଗାଁ, ୧୧।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକସ୍ତରୀୟ 'ନୂଆ-ଓ' 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ କରିଥିବା ୬ଟି ଦଳକୁ ଚାମ୍ପିଅନ ଟ୍ରଫି ଓ ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। କ୍ରିକେଟରେ ୪ ଜୋନ୍‌ରୁ ୭୬ ଦଳ ଭାଗନେଇଥିବା ବେଳେ ରବିଗାଡିଆ ଗୋପିନାଥ ଜିଉ କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ହାସଲ କରିଥିଲେ। ଫୁଟବଲରେ ୨ ଜୋନରୁ ୨୩ ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦଧିବାମନ ଜିଉ ୟୁନାଇଟେଡ ଏଫ୍ ସି ହରିହରପୁର ଓ ଭଲିବଲରେ ୪ ଜୋନରୁ ୫୩ ଦଳ ଭାଗ ନେଇଥିବା ବେଳେ ମା' ମଙ୍ଗଳା ଭଲିବଲ ଦଳ ଆଙ୍ଗିସିଙ୍ଗି ଚାମ୍ପିଅନ ହୋଇଥିଲେ। ସେହିପରି ଖୋ ଖୋ ଷୁରୁଷ ବିଭାଗରେ ୧୦ ଦଳ ମଧ୍ୟରୁ ରୟାଲ ଟାଇଗର ଖୋଖୋ ଦଳ ପାଣ୍ଡେରିପଡ଼ା, ମହିଳା ବିଭାଗରେ ଭାଗ ନେଇଥିବା ୪ ଦଳ ମଧ୍ୟରୁ ମଗରବନ୍ଧ ୱାରିୟର୍ସ ଖୋଖୋ ଦଳ ଚମ୍ପିୟାନ ହୋଇଛନ୍ତି। କବାଡିରେ ୧୦ ଦଳ ଭାଗନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ମା' ବ୍ରାହ୍ମଣୀ ଦେବି କବାଡି ଆସୋସିଏସନ୍ ମଗରବନ୍ଧ ଚାମ୍ପିଅନ ଦଳଭାବେ ପୁରସ୍କୃତ ହୋଇଥିଲେ। ଓଡ଼ଗାଁ ବ୍ଲକ ରୋଡ୍ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡିଓ ଜିତେନ୍ଦ୍ର ନାୟକ, ଅତିରିକ୍ତ ବିଡିଓ କବିତା କୁମାରୀ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ଟିମ୍‌କୁ ପୁରସ୍କୃତ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦର୍ପନାରାୟଣପୁର: ଦର୍ପନାରାୟଣପୁର କେନ୍ଦୁଢିପି ନବଚୌଧୁରୀ ମହାବିଦ୍ୟାଳୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କେନ୍ଦୁଢିପି ସରପଞ୍ଚ ବିରେନ କୁମାର ନାୟକ, ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚୌଧୁରୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ମହମ୍ମଦ ଓମର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ ବିଭାଗର ଅଧ୍ୟାପକ, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଆଜି ଜିଲ୍ଲାସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ



ନୟାଗଡ଼, ୧୧।୧(ସମିସ): ଆସନ୍ତା ୧୧ ତାରିଖ ଶୁକ୍ରବାର ନୟାଗଡ଼ ଜିଲ୍ଲାସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୟାଗଡ଼ ବ୍ଲକ ଲାଠି ପଡ଼ିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ନେଇ ଗୁରୁବାର ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ତପସ୍ୱିନୀ ହାସଁଦା ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ଼ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ

● ସାମିଲ ହେବେ ୧୧ ହଜାର ଛାତ୍ରଛାତ୍ରୀ

୧୧ ହଜାର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ଜିଲ୍ଲା ସ୍ତରରେ ୭ଟି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗୀତାର ପ୍ରଥମଙ୍କୁ ୨୦ ହଜାର, ଦ୍ୱିତୀୟଙ୍କୁ ୧୫ ହଜାର ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଲେଖାଏଁ ପୁରସ୍କାର ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ପ୍ରତି ୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଅଧ୍ୟାପିକା ତଥା ଅଧ୍ୟାପକଙ୍କୁ ନୋଡଲ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଛାତ୍ରଛାତ୍ରୀମାନେ ବସ ଯୋଗେ ଆସିବା ପାଇଁ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ଦିନ ୧୦ ଘଟିକା ସମୟରୁ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ରହିଥିବା ଜଣାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି।

## ● ଶହୀଦ ରଘୁ-ଦିବାକର ଡିଗ୍ରୀ ମହାବିଦ୍ୟାଳୟ / 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ




ରଣପୁର, ୧୧।୧(ସମିସ):ରଣପୁର ବ୍ଲକ ଗଡ଼ବାଣୀକିଲୋ ଶହୀଦ ରଘୁ ଦିବାକର ଡିଗ୍ରୀ ମହାବିଦ୍ୟାଳୟରେ 'ନୂଆ - ଓ' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ରିଷ୍ଣା ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର କୁମାର ସେଠୀଙ୍କ ସ୍ୱାଗତ ଅଭିଭାଷଣ ରଖିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭକ୍ତିମୟ ପରିବେଶରେ ବୁଲୁଛି 'ଅର୍ପଣ ରଥ'



ଖଣ୍ଡପଡ଼ା, ୧୧।୧(ସମିସ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ଶ୍ରୀ ଜଗନ୍ନାଥଙ୍କ 'ଅର୍ପଣ ରଥ' ଖଣ୍ଡପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତ ପରିଭ୍ରମଣ କରି ଗୁଆ ଓ ଅକ୍ଷତ ସଂଗ୍ରହ କରୁଛି। ଏହି ପରିପ୍ରେକ୍ଷୀରେ ଗତ ଦୁଇଦିନ ଧରି ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଓ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମିନତୀ ସାହୁ 'ଅର୍ପଣ ରଥ'କୁ ନେଇ ବ୍ଲକ ଅଧୀନ ବେଣାଗାଡ଼ିଆ, ମର୍ଦ୍ଦରାଜପୁର, ରତତ ଡୋଳମରା, ସିଧାମୂଳା ଏବଂ ବୋଦାସା ପଞ୍ଚାୟତରେ ପହଞ୍ଚିଥିଲେ। ଏ ଅବସରରେ ପ୍ରତ୍ୟେକ ପଞ୍ଚାୟତରେ ମା'ମାନେ ସୁସଜ୍ଜିତ ଗଉଣୀ, ମାଣ ଓ ପେଡ଼ିରେ ଅରୁଆ ଚାଉଳ, ଗୁଆ, ନଡ଼ିଆ, ଧୂପ ଦେଇ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିବା ସହ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇ 'ଅର୍ପଣ ରଥ'କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି ରଥ ପଞ୍ଚାୟତଗୁଡ଼ିକର ସମସ୍ତ ୱାର୍ଡ ପରିକ୍ରମା କରିବା ସମୟରେ ଲୋକମାନେ ମହାପ୍ରଭୁଙ୍କ ନିମନ୍ତେ ଭକ୍ତିର ସହ ଅରୁଆ ଚାଉଳ, ନଡ଼ିଆ ଓ ଗୁଆ ପ୍ରଦାନ କରିଥିଲେ। ଏହି ରଥ ପରିଭ୍ରମଣ ସମୟରେ ଉପାଧ୍ୟକ୍ଷ ଶ୍ରୀ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି, ପିଇଓ, ସିଆରପି, ଯୁବକ ଓ ବହୁ ଜନସାଧାରଣ ଯୋଗଦେଇ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା।

● ସରିଗଣ୍ଡା ସରପଞ୍ଚ ଅଯୋଗ୍ୟ ଘୋଷିତ

## ରୀନା ନାୟକ ସରପଞ୍ଚ

ଦଶପଲ୍ଲା, ୧୧।୧(ସମିସ): ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ସରପଞ୍ଚ ପଦବୀ ନେଇ ଚାଲିଥିବା ମାମଲାରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ସରପଞ୍ଚ କସ୍ତୁରୀ ବେହେରାଙ୍କ ପଦବୀ ରଦ୍ଦ ସହିତ ଅଯୋଗ୍ୟ ଘୋଷିତ ହେବ ପରେ ଆବେଦନକାରୀ ତଥା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରୀନା ନାଏକ ସରପଞ୍ଚ ଘୋଷିତ ହୋଇଛନ୍ତି। ଏହି ସମ୍ପର୍କିତ ମାମଲାର ବିଚାର କରି ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଇଲେକ୍ସନ ଟ୍ରିବୁନାଲ୍ ଜଜ୍ ସୌମ୍ୟ ରଞ୍ଜନ ପୃଷ୍ଟି ବଳିଷ୍ଠ ରାୟ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୦୨୨ ମସିହା ଫେବୃଆରୀ ୨୨ ତାରିଖ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସରିଗଣ୍ଡା ପଞ୍ଚାୟତରେ ସଂରକ୍ଷିତ ମହିଳା ପ୍ରାର୍ଥିନୀ ଭାବରେ କସ୍ତୁରୀ ବେହେରା ଓ ରୀନା ନାଏକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଯାଞ୍ଚ ସମୟରେ କସ୍ତୁରୀଙ୍କ ୩ ସନ୍ତାନ ଦର୍ଶାଇ ରୀନା ନାଏକ ଅଭିଯୋଗ ଦାଖଲ କରିଥିଲେ। ନିର୍ବାଚନରେ କସ୍ତୁରୀ ଜିତି ସାରିବା ପରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବରେ ସେ ଅଦାଲତର ଦ୍ୱାରସ୍ଥ ହୋଇ ନିର୍ବାଚିତଙ୍କ ପ୍ରାର୍ଥିତ୍ୱକୁ ଚାଲେଞ୍ଜ କରିଥିଲେ। ବିଚାର ବିଭାଗ ଅଦାଲତରେ ଆଗତ ଇଲେକ୍ସନ ମିସ୍ କେସ ନମ୍ବର ୦୧/୨୦୨୨ରେ ଆବେଦନକାରିଣୀଙ୍କ ତରଫରୁ ୭ ଜଣ ସାକ୍ଷ୍ୟ ପ୍ରଦାନ ସହିତ ତଥ୍ୟ ପ୍ରମାଣ ଉପସ୍ଥାପନ କରିଥିଲେ। ଏହାକୁ ବିଚାର କରି ଆଜିର କସ୍ତୁରୀ ବେହେରାଙ୍କ ସରପଞ୍ଚ ପଦବୀ ରଦ୍ଦ କରି ଅଯୋଗ୍ୟ ଘୋଷଣା କରିଛନ୍ତି। ଏଥିସହିତ ଆବେଦନକାରୀ ରୀନା ନାଏକଙ୍କୁ ସରପଞ୍ଚ ଘୋଷଣା କରିଛନ୍ତି। ଆବେଦନକାରିଣୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌରଚନ୍ଦ୍ର ମିଶ୍ର ମୋକଦ୍ଦମା ଲଢ଼ୁଥିବା ବେଳେ ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ ଦେବଦତ୍ତ ମହାପାତ୍ର ଲଢ଼ିଥିଲେ।

● ସର୍ବଭାରତୀୟ ନୟାଗଡ଼ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲ୍‌ରେ ଟାଟା

ନୟାଗଡ଼, ୧୧।୧(ସମିସ): ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍ ପ୍ରଥମ ସେମିଫାଇନାଲରେ ଜଗା ୟୁନାଇଟେଡ ଭୁବନେଶ୍ୱର ଏବଂ ଟାଟା ଦଳ ପରସ୍ପରକୁ ଭେଟିଥିଲେ। ଗୁରୁବାର ସେମିଫାଇନାଲ ଖେଳ ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ଖେଳ ମଧ୍ୟ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ଥିଲା। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଖେଳ ୧-୧ ରେ ଅମିମାଂସିତ ଥିଲା। ପ୍ରଥମେ ଟାଟା ଦଳର ୭୧ ନମ୍ବର ଖେଳାଳି ୧୩ ମିନିଟ ସମୟରେ ଏବଂ ପ୍ରଥମାର୍ଦ୍ଧ ଶେଷ ହେବା ପୂର୍ବରୁ ୪୫ ମିନିଟରେ ଭୁବନେଶ୍ୱର ୮ ନମ୍ବର ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ଟାଟା ପକ୍ଷରୁ ୬୮ ନମ୍ବର ଖେଳାଳି ଦ୍ୱିତୀୟାର୍ଦ୍ଧରେ ୫୫ ମିନିଟରେ ୨ୟ ଗୋଲଟି ମାରିଥିଲେ। ଶେଷରେ ଟାଟା ଦଳ ୨-୧ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଆଜିର ଖେଳ ପରିଚାଳନା କରିଥିଲେ ଏବଂ ଶେଷଦେବ ବେହେରା, ଦେବରାଜ ସ୍ୱାଇଁ, ରମେଶ ଚନ୍ଦ୍ର ପାଇକରାୟ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ଖେଳ ଚାଲିଥିବା ବେଳେ କିଛି ସମୟ ପାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଗରୋଇ ବସ ସଂଘ ସଭାପତି ମନୋଜ ନାୟକ, ସମ୍ପାଦକ ଶେଖ୍ ୟୁସୁଫ୍, ସାମାଜସେବୀ ବ୍ରଜବନ୍ଧୁ ସୁବୁଦ୍ଧି, ରାଧାଶ୍ୟାମ ମହୋତା ପ୍ରମୁଖ ଯୋଗାଦେଇ ଖେଳାଳି ମାନଙ୍କ ସହ କର ମର୍ଦ୍ଦନ କରିଥିଲେ। ଶେଖ୍ ଅବଦୁଲ ଖାଲିକ୍, ଆଶୁତୋଷ ମିଶ୍ର ଓ ରାମକୃଷ୍ଣ ରଥ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା କାଲି ଦ୍ୱିତୀୟ ସେମି ଫାଇନାଲରେ ସୁନାବେଡା ଓ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ଅର୍ଗାନାଇଯର ଭାବେ ଏଚ୍ ଆର୍ ଟୁଟୁ, ହମିଦ ଖାଁ, ଆସିଫ ରାଜା, ଏସ କେ ଫିରଜ୍, ନିହାଲ ଖାଁ, ଦିପୁ, ଅନୁ ରାଜୁ ପ୍ରମୁଖ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥିଲେ।



ଭାପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# କଣ୍ଠଶିଳ୍ପୀ ଇରାଙ୍କ ଗୀତରେ ଦର୍ଶକ ଝୁମିଲେ

ଭାପୁର, ୧୧।୧(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ମୋ ମାଟି ଭାପୁର ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଭାପୁର ମହୋତ୍ସବ ପଡ଼ିଆ ଆଲୋକାରଣ୍ୟ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା, ବାଣୀକଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ ଓ ସବିତା ଶୁକ୍ଳାଙ୍କ ସୁମଧୁର ଭଜନ ପରିବେଷଣ, ପ୍ରଭାତୀ ରଣାଙ୍କ ପାଲା ପରିବେଷଣ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଏହାପରେ ଓଡ଼ିଶାର ସୁନାମଧନ୍ୟ ସଂସ୍କୃତ ଭାରତୀ ଡ୍ୟାନ୍ସ ଏକାଡେମୀ, ପୁରୀର ବାଳକ ପାଇକ ଆଖଡା ପକ୍ଷରୁ ନୃତ୍ୟ ପରିବେଷଣ ସମସ୍ତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଏତତ୍ ବ୍ୟତୀତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଡ଼. ପ୍ରଦୀପ କୁମାର ପାଇକରାୟଙ୍କ ବଳିଷ୍ଠ ରଚନା ଓ ଅଭିନୟ ସହ ଡ ବିଶ୍ୱନାଥ ସାହୁଙ୍କ ନିର୍ଦ୍ଦେଶନାରେ ସ୍ୱାସ୍ଥ୍ୟ ସଚେତନତା ମୂଳକ ନାଟକ 'ଅମାନିଆ ଷଣ୍ଢ' ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ସ୍ଥାନୀୟ ବନମାଳିପୁର ନୃତ୍ୟ ପ୍ରଣାମ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଓ ମହୋତ୍ସବର ମୁଖ୍ୟ ଆକର୍ଷଣ ଭାପୁର ବନ୍ଦନାରେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରି ହଜାର ହଜାର ଦର୍ଶକଙ୍କ ପ୍ରଶଂସା ସାଉଁଟି ଥିଲେ। ଅନୁଷ୍ଠାନର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସଭା କାର୍ଯ୍ୟରେ ଅଂଶୁମାନ ଜେନା ମଞ୍ଚ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥୀ ଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ମହୋତ୍ସବ ଦ୍ୱାରା ଅଞ୍ଚଳର ପ୍ରଗତି ହୋଇଥାଏ ବୋଲି କହିଥିଲେ।

ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଭାପୁର ତହସିଲଦାର ଲଗ୍ନଜିତ ବେହେରା ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଥିଲେ ମହୋତ୍ସବକୁ ଆଗମୀ ଦିନରେ ରାଜ୍ୟ ସ୍ତରରେ ପହଞ୍ଚାଇ ହେବ ବୋଲି କହିଥିଲେ। ମାଆର ଆଶିର୍ବାଦ ପାଇଲେ ପୁଅ ଭଗବାନ ହୋଇଯାଏ ବୋଲି ପ୍ରାକ୍ତନ ପ୍ରାଧ୍ୟାପକ ଓ ସ୍ତମ୍ଭକାର ଡ଼. ପବିତ୍ର କୁମାର ସୁବୁଦ୍ଧି ନିଜର ଅଭିଭାଷଣରେ ଦର୍ଶକଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ କଳାକାର ଓ ମହୋତ୍ସବର ବିଭିନ୍ନ କମିଟି ସଦସ୍ୟଙ୍କୁ ଅତିଥୀଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ମହୋତ୍ସବ ସଭାପତି ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ସମାପ୍ତ ପରେ ସଙ୍ଗୀତ ଦୁନିଆର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ସୁରସଙ୍ଗୀତ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସହ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ମତୁଆଲା ସଙ୍ଗୀତରେ ୩୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଝୁମିଥିଲେ। ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବା ସହିତ ଦୁଇ ଚର୍ଚ୍ଚିତ କଣ୍ଠଶିଳ୍ପୀ ଅର୍ପିତା ଚୌଧୀର ଓ ଶଶାଙ୍କ ଶେଖର ଯୋଗଦେବେ ବୋଲି ମହୋତ୍ସବ କମିଟି ସମ୍ପାଦକ ଭରତ କୁମାର ବେହେରା ସୂଚନା ଦେଇଛନ୍ତି।



## ମା' ଭଗବତୀଙ୍କ ପୀଠରେ ବକୁଳ ଲାଗି ନିତୀକାନ୍ତ



**ବାଲୁଗାଁ,୧୧।୧(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବୀ ମା' ଭଗବତୀଙ୍କ ପୀଠରେ ବାରମାସରେ ତେର ପର୍ବ ପାଳନ ହେଉଛି। ପୌଷ ମାସର ଅମାବାସ୍ୟାକୁ ବକୁଳ ଲାଗି ଅମାବାସ୍ୟା ଭାବରେ ଓଡ଼ିଶାର ପ୍ରଧାନ ପର୍ବ । ଗୁରୁବାର ପୂର୍ବାହ୍ନରୁ ରାତ୍ରୀ ଯାଏଁ ମା' ଭଗବତୀଙ୍କ ପୀଠରେ ବିଭିନ୍ନ ପୂଜା ଅର୍ଚ୍ଚନା କରାଯାଇ ଥିବାବେଳେ ତନ୍ମଧ୍ୟରୁ ଅଙ୍ଗରାଗ ମାଜଣା, ବେଶ, ମହାପ୍ରସାଦ ଅର୍ପଣ, ବଲ୍ଲଭ ଆଳତୀ, ସର୍ବସାଧାରଣ ଦର୍ଶନ ସହିତ ରାଜ ଭୋଗ ଖେଚୁଡ଼ି ଡାଲି ଧୂପ ପରେ ମଧ୍ୟାହ୍ନରେ ଅନ୍ନ, ମହୁର, ଡାଲି, କ୍ଷୀରୀ ଭୋଗ କରାଯାଇଥିଲା। ସଂଧ୍ୟା ପରେ ପରେ ପୀଠ ଧୋ ପଖାଳ ହୋଇ ଖଜା, କାନ୍ତି, ପୁଳି, ଖେଇ, ସର ପୁଳି, ମାଠ ପୁଳି, ଧୂପ ପରେ ଆଳତି କରି ପରିଛା ସାମନ୍ତଙ୍କ ଦ୍ୱାରା ବକୁଳ ଲାଗି ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସୁପକାର ମୁହଁରେ ତୁଣ୍ଡି ବାନ୍ଧି ଗଇଣ୍ଠା ଆଣି ମା'ଙ୍କ ଭୋଗ ମଣ୍ଡପରେ ଠାକରିବା ପରେ ଘଣ୍ଟ, କାହାଳି ବାଜି ପାଳିଆ ମାଳି ଯୋଗାଇଥିବା ବକୁଳ ସହିତ ଧୂପ ହୋଇ ଥିଲା। ପରେ ବଡ଼ସିଂହାର ହୋଇ ମା'ଙ୍କ ପହୁଡ଼ ନୀତି ସରିବା ଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କୁ ମା' ଙ୍କ ଗଇଁଠି ପ୍ରସାଦ ବଣ୍ଟନ କରାଯାଇଥିଲା।

## ବକ୍ସି ଜଗବନ୍ଧୁ ଶ୍ରାଦ୍ଧ ଦିବସ ପାଳନ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୧୧।୧(ସମିସ):** ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୪ତାରିଖ ସକାଳ ସାଢେ ୯ଟାରେ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଠାରେ ଥିବା ବକ୍ସି ଜଗବନ୍ଧୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ପରେ ବିଜେବି ଉଚ୍ଚ ବିଦ୍ୟାଳୟରୁ ବାହାରି ଜୟୀରାଜଗୁରୁ ଟାଉନ ହଲ ଠାରେ ଶୋଭାଯାତ୍ରା ଶେଷ ହେବ। ଏହା ପରେ ଜୟୀରାଜଗୁରୁ ଟାଉନ ହଲ ପରିସରରେ ସଭା ଅନୁଷ୍ଠିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବୈଠକକୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପରିଚାଳନା କରୁଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉମାଶଙ୍କର ପ୍ରସାଦ, କଳିଙ୍ଗ ପାଇକ ସଂଗଠନ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଓ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକେଶ୍ୱର ସେବା ସମବାୟ ସମିତିର ବାର୍ଷିକ ଅଧିବେଶନ



**ଖୋର୍ଦ୍ଧା/ବେଗୁନିଆ,୧୧।୧(ସମିସ):** ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡା ଗ୍ରାମରେ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠାରଙ୍ଗ, କୃଷ୍ଣଦାସପୁର, ଆଖୁପଦର, ଗୌଡପାଟଣା, ଡୋଭା, ମାଣିକପୁରପାଟଣା, ବୋତଲମା, ଛତ୍ରପଡା, ବଳଭଦ୍ରପୁର ଓ ବାଦବାରବାଟୀ ମୌଜାର ଚାଷୀମାନଙ୍କୁ ନେଇ ଲୋକେଶ୍ୱର ପ୍ରାଥମିକ କୃଷିଋଣ ସେବାସମିତି ଖୋର୍ଦ୍ଧା ସହକାରୀ ନିବନ୍ଧକ ସେବା ସମବାୟ ସମିତି ଖୋର୍ଦ୍ଧା ସର୍କଲଙ୍କ ଦ୍ୱାରା ୪ଓ ରେଜିଷ୍ଟ୍ରେଶନ୍ କରାଯାଇଥିଲା। ଯାହାର ବର୍ତ୍ତମାନ ସଭ୍ୟସଂଖ୍ୟା ୧୬୦ଜଣ ଅଛନ୍ତି। ତେଣୁ ଏହି ସମିତିର ପ୍ରଥମବାର୍ଷିକ ସାଧାରଣ ଅଧିବେଶନ ସମସ୍ତ ସଭ୍ୟମାନଙ୍କୁ ନେଇ ଛତ୍ରପଡା କଳିଙ୍ଗ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲୋକେଶ୍ୱର ପ୍ରାଥମିକ ସେବା ସମିତିର ସଭାପତି ସୁନିଲ ସୁନ୍ଦରାୟ ଅଧ୍ୟକ୍ଷତାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତିଲିଃ ର ବେଗୁନିଆ ଶାଖାର ଇନଷ୍ଟ୍ରକ୍ଟର ପି.କେ.ମଲ ମୁଖ୍ୟ ଅତିଥି, ସମିତିର ମୁଖ୍ୟ ଉଦ୍ୟକ୍ତା ଭାଗିରଥି ଦଳସିଂହରାୟ ମୁଖ୍ୟବକ୍ତା, ସମିତିର ଭାରପ୍ରାପ୍ତ ସମ୍ପାଦିକା ସୁଲୋଚନା ରାଉତ, ଉପସଭାପତି ମଧୁସ୍ମିତା ବେହେରା, ନାଏବ ସରପଂଚ ସୁପ୍ରଭା ସୁନ୍ଦରାୟ, ସଭ୍ୟ ବିଶ୍ୱନାଥସାହୁ, ସାମ୍ବାଦିକ ତ୍ରିଲୋଚନ ବାଘସିଂହ, ଗୋବିନ୍ଦ ରଥ, ସମାଜସେବୀ ସୁଦର୍ଶନ ମଙ୍ଗରାଜ, ବାଉଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ଏହି ସମିତିରେ ଥିବା ସଭ୍ୟମାନେ କିପରି କୃଷିଋଣ ସହିତ ସମବାୟ ସମିତିରୁ ମିଳୁଥିବା ସୁବିଧା ସହିତ ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳୁଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ମୁଖ୍ୟଅତିଥି ଅବଗତ କରାଇଥିଲେ। ବରିଷ୍ଠ ନାଗରିକ ଧରଣୀଧର ଚମ୍ପତି, ଗୌରଙ୍ଗ ପାଲଟାସିଂହ, ୱାର୍ଡସଭ୍ୟା ତଥା ସମିତିର ସଭ୍ୟା ଟିକିଲି ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ପ୍ରଥମ ଅଧିବେଶନକୁ ବିଭୁତିଭୁଷଣ ପଟ୍ଟନାୟକ କଳିଙ୍ଗ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲାବେଳେ ଆଗାମୀ ଦିନରେ ସମିତିର ଉନ୍ନତି ସହିତ ଚାଷୀମାନଙ୍କ ଉନ୍ନତି ନିମନ୍ତେ ନିଷ୍ଠାପର ସହିତ କାମ କରିବାକୁ ଶପଥ କରିଥିଲେ। ଶେଷରେ ସମିତିର ସଭ୍ୟ ବୁଦ୍ଧ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ



**କୁହୁଡି, ୧୧।୧(ସମିସ)**

ଟାଙ୍ଗୀ ବ୍ଲକ ରତନପୁର ଓ କୁହୁଡ଼ି ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅର୍ପଣ ରଥ ପରିକ୍ରମା କରିଛି। ପ୍ରତି ଘରୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ସ୍ୱରୂପ ମୁଠାଏ ଚାଉଳ ଓ ଗୋଟିଏ ଗୁଆ ଦିଆଯାଉଥିବା ବେଳେ ସଂକୀର୍ତ୍ତନ, ଘଂଟ, ଶଙ୍ଖ ଓ ହୁଳହୁଳି ସହ ରାସ୍ତାଘାଟ ଝୋଟି ଚିତାରେ ଶୋଭାମଣ୍ଡନ କରିଥିଲା।ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ସୁବୁଦ୍ଧି, ସମିତି ସଭ୍ୟ ମାନସ ବେହେରା ଓ ରତନପୁର ସରପଂଚ ଗୁରୁ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ଭକ୍ତିମୟ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଏହି ପରିକ୍ରମାରେ ବହୁ ସଂଖ୍ୟାରେ ମିଶନ ଶକ୍ତି ମହିଳାମାନେ, ଏସ୍ ଏଚ୍‌ଜି ମହିଳାମାନେ ଓ ଶହଶହ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିବା ବେଳେ ଅଭୂତପୂର୍ବ ଆବେଗ ପରିଲକ୍ଷିତ ହୋଇଥିଲା।



## ବାଲିପାଟପୁରରେ ରଥକୁ ସ୍ୱାଗତ

**ଭୂଷଣ୍ଡପୁର,୧୧।୧(ସମିସ)**

ଟାଙ୍ଗୀ ବ୍ଲକର ବାଲିପାଟପୁର ପଞ୍ଚାୟତରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଭ୍ରମଣ କରୁଥିବା ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ କୋଠାବାଡି ନିର୍ମାଣ ଶ୍ରମିକ ସଙ୍ଘର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଜୁ ମହିଳା ଜନତାଦଳ ରାଜ୍ୟ ବରିଷ୍ଠ ଉପ ସଭାପତି ବାସନ୍ତୀ ମହାପାତ୍ର, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବୁଟୁ ପାତ୍ର, ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତାଦଳ ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ବାଲିପାଟପୁର ସରପଞ୍ଚ ଭାବି ବେହେରା ଏବଂ ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ଭୀମସେନ ବେହେରା ଅଂଶଗ୍ରହଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ମିଶନ ଶକ୍ତି ମହିଳାମାନେ, ଏସ୍‌ଏଚ୍‌ଜି ମହିଳାଙ୍କ ସମେତ ଶହଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ● ବାଣପୁରରେ ଖୋଲିଲା ଧାନ ମଣ୍ଡି

# ପ୍ରଥମ ଦିନରେ ୪୭୨ କ୍ୱିଣ୍ଟାଲ ଧାନ ସଂଗ୍ରହ

**ବାଣପୁର,୧୧।୧(ସମିସ)**



ବାଣପୁର ବ୍ଲକ ଓ ଚିଲିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ବଡ଼ହନୁଆଡ଼ ଓ ଦେଉଗାଁ ସେବା ସମବାୟ ସମିତି ରେ ଧାନମଣ୍ଡି ରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଉଦ୍‌ଘାଟନ ହୋଇଯାଇଛି। ବାଣପୁର ତହସିଲଦାର ପଦ୍ମନାଭ ଦୋରା ଏହି ଧାନ ମଣ୍ଡିକୁ ନଡିଆ ବାଡେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗାଣ ନିରୀକ୍ଷକ ଶିବରାମ ବିଶ୍ୱାଳ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ରାଉଳ, ସେବା ସମବାୟ ସମିତି ର ସମ୍ପାଦକ ପ୍ରସନ କୁମାର ପଟ୍ଟନାୟକଙ୍କ ଓ ଭବାନୀ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଧାନମଣ୍ଡିରୁ ୧୮ ଜଣ ଚାଷୀଙ୍କ ଠାରୁ ସମୁଦାୟ ୪୭୨କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ସେହିପରି ଉଭୟ ଚିଲିକା ଓ ବାଣପୁର ବ୍ଲକର କିଛି ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଆରମ୍ଭ ହୋଇ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରା ଯାଉ ଥିବା ବେଳେ ଏଯାବତ୍ ଅନେକ ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇ ନାହିଁ। ଚଳିତ ବର୍ଷ ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହୋଇ ଥିବାରୁ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି।

## ଖୋଲିଲା ଧାନମଣ୍ଡି

**ଟାଙ୍ଗୀ/କାଲୁପଡାଘାଟ,୧୧।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀରେ ଖୋଲିଲା ଧାନ ମଣ୍ଡି। ଧାନ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କ ମଧ୍ୟରେ ଦେଖା ଦେଇଛି ନାହିଁ ନଥିବା ଉତ୍ସାହ। ପଞ୍ଜିକୃତ ଚାଷୀମାନେ ମଣ୍ଡିରେ ସରକାରୀ ଧାର୍ଯ୍ୟ ଦରରେ କୁଇଁଟାଲ ପ୍ରତି ୨୧୩୦ ଟଙ୍କା ଦରରେ ଧାନ ବିକ୍ରି କରୁଛନ୍ତି। ଏଥିପାଇଁ ସମବାୟ ସମିତି ପକ୍ଷରୁ କରାଯାଇଛି ବ୍ୟାପକ ବ୍ୟବସ୍ଥା। ଟାଙ୍ଗୀ ସମବାୟ ସମିତି ଧାନ ମଣ୍ଡି ଉଦଘାଟନୀ ଦିବସରେ ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ଚନ୍ଦ୍ର ଶେଖର ସାହୁ, ଆରଏମସି ସୁପରଭାଇଜର ସୁବାସ ଚନ୍ଦ୍ର ପରିଡା, ମିଲର ଜୟରାମ ପାତ୍ର, ସମବାୟ ସମିତି ପରିଚାଳନା ସଭ୍ୟ ଗୁଣ୍ଡିଚା ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ୩୨୨ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୧୦୦ ମେଟ୍ରିକଟନ୍ ଧାନ କ୍ରୟ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୧୧।୧(ସମିସ):** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ କୁ ଶୃଙ୍ଖଳାର ସହ ସୁଚାରୁରୂପେ କରିବାକୁ କହିଥିଲେ। ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡିଆରେ ୨୬ ତାରିଖ ପୂର୍ବାହ୍ନ ୯.୧୫ରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରିବେ। ପ୍ରଜ୍ଞାପନ ମେଢ ପ୍ରଦର୍ଶନ ସାଙ୍ଗକୁ ଜିଲ୍ଲାସ୍ତରରେ ହୋଇଥିବା ପ୍ରତିଯୋଗିତାରେ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ ଏବଂ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସରକାରୀସ୍ତରରେ କର୍ମଚାରୀଙ୍କୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯିବ ପାଇଁ ସ୍ଥିର କରାଯାଇଛି। ତେବେ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସକାଳ ସାଢେ ୭ଟାରେ ପତାକା ଉତୋଳନ କରାଯିବ। ପୌରାଂଚଳରେଥିବା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ସକାଳୁ ମାଲ୍ୟାର୍ପଣ କରାଯିବ। ପ୍ରାତଃ ସମୟରେ ଡାକବାଜି ଯନ୍ତ୍ରଯୋଗେ ରାମଧୂନ ଗାନ କରାଯିବ। ପ୍ୟାରେଡ ପଡିଆକୁ ପରିସ୍କାର ପରିଛନ୍ନ ରଖିବା, ପାନୀୟ ଜଳ ବ୍ୟବସ୍ଥା, ସାଜସଜା ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ, ଅତିରିକ୍ତ ଆରକ୍ଷୀ ଅକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାକାରୀ (ପରିବାର କଲ୍ୟାଣ)ଡ଼ା ରଘୁନାଥ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗଧା ମିଶ୍ର, ସାମ୍ବାଦିକ ଉମାଶଙ୍କର ପ୍ରସାଦ, କୃଷ୍ଣ ହରିଚନ୍ଦନ ପ୍ରମୁଖ ଉପସ୍ଥିତଥିଲେ।

# ରାମେଶ୍ୱର ଜଙ୍ଗଲ ଛାଡୁନାହାଁନ୍ତି ହାତୀପଲ



**ନିରାକାରପୁର,୧୧।୧(ସମିସ)**

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ମୁଖ୍ୟତଃ ୨୩ ଟିକିଆ ହାତୀପଲ ଏବେ ଉତ୍ପାତ କରୁଛନ୍ତି।ଏହି ୨୩ ଟିକିଆ ହାତୀପଲ ବ୍ୟତୀତ ଆଉ କିଛି ହାତୀ କମାଗୁରୁ, ଗୟାବନ୍ଧ ଅଞ୍ଚଳରେ ବୁଲୁ ଥିବା ବେଳେ ୨୩ ଟିକିଆ ହାତୀପଲ ଏବେ ରାମେଶ୍ୱର ଜଙ୍ଗଲରେ ଦିନରେ ରହୁ ଥିବାବେଳେ ରାମେଶ୍ୱର, ନିରାକାରପୁର, ଲେମ୍ବୁ, ପଦ୍ମପୁର, ଯାଜପୁର, ମିରିଗିଦୟଣୀ ଓ କଣାସ ବ୍ଲକ୍ କିଛି ଅଞ୍ଚଳରେ ଉପଦ୍ରବ ଜାରି ରଖି ଛନ୍ତି। କେଉଁଠୁ ବଡ଼ ବଡ଼ ଗଛ ଭାଙ୍ଗି ପକାଉଛନ୍ତି ତ ଆଉ କେଉଁଠି ଘରେ ପଶି ରଖାଯାଇଥିବା ଧାନ ଖାଇ

### ନୟାନ୍ତ ହେଲେଣି ବନକର୍ମଚାରୀ

ପକାଉଛନ୍ତି। ବୁଧବାର ରାତିରେ ରାମେଶ୍ୱର ସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫାର୍ମ ହାଉସ ପଶି କିଛି ଗଛ ନଷ୍ଟ କରିଥିବାବେଳେ ଯାଜପୁର ଓ ଲେମ୍ବୁ ରେ କିଛି ଅମଳ ଧାନ ଖାଇ ନଷ୍ଟ କରୁଛନ୍ତି। ଗୁରୁବାର ରେଳ ଧାରଣା ଅତିକ୍ରମ କରି ଏକ ହାତୀ ଲେମ୍ବୁ ପଞ୍ଚାୟତ ସିଦ୍ଧେଶ୍ୱର ନିକଟରେ ଛିଡା ହୋଇଥିବା ଦେଖିବାକୁ ମିଳିଛି। ଏଣେ ଏମାନଙ୍କୁ ଜଗି ଅନ୍ୟତ୍ର ଛାଡ଼ି ବାକୁ ଘଉଡାଉଥିବା ବନ ବିଭାଗ କର୍ମଚାରୀମାନେ ନୟାନ୍ତ ହୋଇ ପଡିଲେଣି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



**ନିରାକାରପୁର,୧୧।୧(ସମିସ):** ନିରାକାରପୁର କଲେଜ ପଡିଆରେ ସ୍ଥାନୀୟ ଶିକ୍ଷା ବିକାଶ ସଂସ୍ଥାନ ଅଧିନସ୍ଥ ଆର୍ଯ୍ୟ ବିହାରରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ କ୍ରୀଡ଼ା ଶିକ୍ଷକ ହୃଦାନନ୍ଦ ମହତରାୟ, ପରିଚାଳନା କମିଟି ସଦସ୍ୟ ଶ୍ୟାମା ଶଙ୍କର ମିଶ୍ର ଓ ପ୍ରଧାନ ଆଚାର୍ଯ୍ୟ। ନଳୀନ ରଥ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଖେଳକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ାରେ ବିଦ୍ୟାଳୟର ୮୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଖେଳ ପରିଚାଳନା ଅବିନାଶ ପଟ୍ଟନାୟକ, ଚିନ୍ମୟ ଜଗଦ୍ଦେବ କରିଥିଲେ। ନିହାର ଗୁରୁଜୀ,ପବିତ୍ର ଗୁରୁଜୀ, କିଶୋର ଗୁରୁଜୀ , ମନୋରଞ୍ଜନ ଗୁରୁଜୀ,ସସ୍ମିତା ଗୁରୁମା , ସୂର୍ଯ୍ୟସ୍ମିତା ଗୁରୁମା, ପୁଷ୍ପାଞ୍ଜଳୀ ଗୁରୁମା , ଧରିତ୍ରୀ ଗୁରୁମା, ତପସ୍ୱିନୀ ଗୁରୁମା ପ୍ରମୁଖ ସହଯୋଗ କରିଥିଲେ।

### ● ରେନବୋ କ୍ରିକେଟ ଟୁର୍ଣ୍ଣାମେଂଟ

## ତମାଣ୍ଡୋ କ୍ରିକେଟ୍ କ୍ଲବ୍ ଫାଇନାଲରେ

**ବେଗୁନିଆ,୧୧।୧(ସମିସ):** ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମସ୍ଥିତ ରେନବୋ କ୍ରିକେଟ କ୍ଲବ ପକ୍ଷରୁ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତମାଣ୍ଡୋ କ୍ରିକେଟ କ୍ଲବ ଓ କୁମାରବସ୍ତ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ତମାଣ୍ଡୋ କ୍ରିକେଟ କ୍ଲବ ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୨୯୬ରନ ସଂଗ୍ରହ କରି ଥିବା ବେଳେ ପ୍ରତି ଜବାବରେ କୁମାରବସ୍ତ କ୍ରିକେଟ କ୍ଲବ ୮ ୱିକେଟ ହରାଇ ୨୭୬ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ମ୍ୟାଚକୁ ସ୍ମୃତି ରଞ୍ଜନ ପାଇକରାୟ ଓ ଭାଗିରଥି ବେହେରା ପରିଚାଳନା କରିଥିବା ବେଳେ ପପୁ ଓ ତପୁ ବେହେରା ସ୍କୋର ଦାୟିତ୍ୱ ତୁଲାଇଥିଲେ।

## ମା'ଗହ୍ମେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସିମୋର କବାଟ

**ବେଗୁନିଆ,୧୧।୧(ସମିସ):** ସିମୋର ଗ୍ରାମର ମା'ଗହ୍ମେଇ ଟୁର୍ଣ୍ଣାମେଣ୍ଟ ମୃତ୍ୟୁଞ୍ଜୟ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଅନ୍ତିମ ଲିଗ ମ୍ୟାଚ୍‌ରେ ସିମୋର କ୍ରିକେଟ କ୍ଲବ ଓ ସାରୁଅ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ସିମୋର କ୍ରିକେଟ କ୍ଲବ ପ୍ରଥମେ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ୱିକେଟ ହରାଇ ୧୯୭ରନ ସଂଗ୍ରହ କରିଥିଲା। ଜବାବରେ ସାରୁଅ କ୍ରିକେଟ କ୍ଲବ ୯ ୱିକେଟ ହରାଇ ୯୮ ରନ ସଂଗ୍ରହ କରି ପରାଜୟ ବରଣ କରିଛି। ଖେଳକୁ ଅମ୍ପାୟାର ନରେଶ କୁମାର ଜେନା ଓ ଚିନ୍ମୟ ମହାନ୍ତି ପରିଚାଳନା କରିଥିବାବେଳେ ଦେବାଶିଷ ଜେନା ଓ ପବିତ୍ର ମହାନ୍ତି ସହାୟତା କରିଥିଲେ। ମିହିର ରଞ୍ଜନ ମହାପାତ୍ର ଓ ପ୍ରକାଶ ମାର୍ଥା ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଖରଡ଼ାପଲ୍ଲୀ ରଘୁନାଥ ମନ୍ଦିର କାର୍ଯ୍ୟ ନିମ୍ନମାନର

**ଖୋର୍ଦ୍ଧା,୧୧।୧(ସମିସ)**



### ଅଭିଯୋଗ ଆଣିଲେ ସ୍ଥାନୀୟ ଲୋକ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକର ଖରଡ଼ାପଲ୍ଲୀ ଗ୍ରାମରେ ଥିବା ରଘୁନାଥ ମନ୍ଦିରକୁ ଆସିଥିବା ପ୍ରୋତ୍ସାହନ ରାଶିରେ କରାଯାଉଥିବା କାର୍ଯ୍ୟ ନିମ୍ନମାନର ହୋଇଥିବା ସ୍ଥାନୀୟ ଅଞ୍ଚଳର କିଛି ଲୋକ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଖରଡ଼ାପଲ୍ଲୀ ଗ୍ରାମରେ ଦୀର୍ଘ ୫୦ବର୍ଷ ପୂର୍ବେ ଏକ ରଘୁନାଥ ମନ୍ଦିର ନିର୍ମାଣ ହୋଇଥିଲା। ଏହି ମନ୍ଦିର ଅଞ୍ଚଳର ଆରାଧ୍ୟ ଦେବ ମନ୍ଦିର ଅଟେ।ଏହି ମନ୍ଦିର ଉପରେ ବୋଲଗଡ଼ ଅଞ୍ଚଳର ଅନେକ ଗ୍ରାମ ନିର୍ଭର କରିଥାନ୍ତି। ମନ୍ଦିର ୫୦ବର୍ଷର ପୁରୁଣା ହୋଇଥିବାରୁ ଏହାର କାନ୍ଥ ଗୁଡିକ ଅବସ୍ଥା ଶୋଚନୀୟ ହୋଇଯାଇଛି। ଯାହାର ମରାମତି ନିମନ୍ତେ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ ପରେ ସରକାରୀ ସ୍ତରରୁ ୨୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା।କିନ୍ତୁ କିଛି ଅସାଧୁ ସରକାରୀ କର୍ମଚାରୀ ଓ ଠିକାଦାର ମସୁଧା କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଅତି ଚଞ୍ଚକତାର ସହିତ କାନ୍ଥ ଗୁଡିକୁ ନୂଆ ବୋଲି ବିଲ କରିବାକୁ ବସିଥିବା ଅଭିଯୋଗ କରିଛନ୍ତି। ଏହା ହେବା ଦ୍ୱାରା ସରକାରୀ ଅର୍ଥ ପାଣିରେ ପଡିବ ବୋଲି ଲୋକେ ଆଶଙ୍କା କରିଥିବାବେଳେ ମନ୍ଦିର ଅବସ୍ଥା ପୂର୍ବ ଭଳି ରହିବା ନେଇ ଜ୍ୱଳ ଜ୍ୱଳ ହୋଇ ଦିଶୁଥିବା ଅଭିଯୋଗ କରିଛନ୍ତି। କିନ୍ତୁ ସେହି ଅର୍ଥରେ ମନ୍ଦିରର ଚାରୋଟି ପିଲର କରି ଛାତ ପକାଇଲେ ମନ୍ଦିର ଆୟୁଷ ଅଧିକ ଦିନ ଯିବା ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରି ବନ୍ଦ କରାଇବାକୁ ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

